## ମୋବାଇଲ ଲୁଟ୍: ଯୁବକ ଗିରଫ

**ରାଉରକେଲା ଅଫିସ :** ମହିଳାଙ୍କ ଠାରୁ ମୋବାଇଲ ଲୁଟ୍ ଅଭିଯୋଗରେ ସେକ୍ଟର-୩ ପୋଲିସ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୧୬ ଅଞ୍ଚଳର ବିଶାଲ ସୁନାନୀ(୨୪)। ସେକ୍ଟର-୨ ଅଞ୍ଚଳର ଶର୍ମିଷ୍ଠା ଦେବୀ ୨୦୨୧ ସେପ୍ଟେମ୍ବର ୩ରେ ଡିସୋଜା ସ୍କୁଲ ସମ୍ମୁଖରେ ମୋବାଇଲରେ କଥା ହେଉଥିବା ବେଳେ ବିଶାଲ ଏକ ବାଇକ୍‌ରେ ଆସି ମୋବାଇଲ ଛଡେଇ ନେଇ ପଳାଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୯୭।୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ୧୦ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ, ହାୱା ମଇଦାନ, ସକାଳ ୮ଟା।

## ସଂକ୍ଷେପରେ

### ରେଳଷ୍ଟେଶନରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ,୧୧।୩ :** ଝାରସୁଗୁଡ଼ା ରେଳଷ୍ଟେଶନ ନିକଟରୁ ଶୁକ୍ରବାର ଜିଆର୍‌ପି ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ଏହାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଶବସଂରକ୍ଷଣ କେନ୍ଦ୍ର ମର୍ଗରେ ରଖାଯାଇଛି। ଏ ନେଇ ପୋଲିସ୍ ଝାରସୁଗୁଡା ଜିଆର୍‌ପି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ୭/୨୨) ରୁଜୁକରି ତଦନ୍ତ ଚଳାଇଛି।

### ଡିଭାଇଡରକୁ ପିଟିଲା ସ୍କୁଟି, ଚାଳକ ମୃତ

**ରାଉରକେଲା ଅଫିସ,୧୧।୩:** ରାଉରକେଲା ବଣାଇ ଗେଟ୍ ସମ୍ମୁଖ ରୋଡ୍ ଡିଭାଇଡରରେ ପିଟି ହୋଇଯିବାରୁ ଶୁକ୍ରବାର ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଗୋପବନ୍ଧୁପାଲି ଅଞ୍ଚଳର ରୋହିତ ଯାଦବ(୨୫) ବୋଲି ଜଣାପଡ଼ିଛି। ରୋହିତ ସକାଳ ସାଢ଼େ ୮ଟା ସମୟରେ ବିଶ୍ରା ଛକରୁ ସ୍କୁଟି (ନଂ.ଓଡି୧୪କିଯ୍/୯୭୧୭) ଯୋଗେ ଉଦିତନଗର ଯାଉଥିବା ବେଳେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଥିଲେ। ପ୍ଲାଣ୍ଟସାଇଟ ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

### ବାପା ହତ୍ୟାକାରୀ ପୁଅ ଗିରଫ



କ୍ଷେତ୍ରମଣି ରୋହିଦାସ।

**ଝାରସୁଗୁଡ଼ା ଅଫିସ,୧୧।୩:** ଝାରସୁଗୁଡ଼ା ସଦର ଥାନା ଏକାତାଳି ଗ୍ରାମରେ ପୁଅର ଗୋଇଠା ମାଡ଼ରେ ବାପାଙ୍କ ମୃତ୍ୟୁ ହୋଇଥିଲା। ପୋଲିସ୍ ଅଭିଯୁକ୍ତ ପୁଅ କ୍ଷେତ୍ରମଣି ରୋହିଦାସ (୨୭)ଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଏ ନେଇ ପୋଲିସ୍ ସଦର ଥାନା କେସ୍ ନଂ୪୪/୨୨ରେ ଏକ ମାମଲା ରୁଜୁକରିଛି। ଗତ ୮ତାରିଖରେ କ୍ଷେତ୍ରମଣି ବାପା ସୁକୁର ରୋହିଦାସ(୫୧)ଙ୍କୁ ଗୋଇଠା ମାରି ଛାତି ଉପରେ ଚଢ଼ିଯାଇଥିଲେ। ଏଥିରେ ଗୁରୁତର ସୁକୁରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ବଡପୁଅ ଜନ୍ମେଜୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଆଜିଠାରୁ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା




ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି କର୍ମକର୍ତ୍ତା।

**ସମ୍ବଲପୁର,୧୧।୩(ବ୍ୟୁରୋ)**

### ମହିଳାଙ୍କ ସମେତ ଭାଗନେବେ ୨୫୦ ପ୍ରତିଯୋଗୀ

ସମ୍ବଲପୁର ଜିଲାରେ ୧୦ବର୍ଷ ବ୍ୟବଧାନରେ ଦୁଇଦିନ ଧରି ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। କଳିଙ୍ଗ ବଡି ବିଲ୍ଡିଂ ଆଣ୍ଡ ଫିଟ୍‌ନେସ ଆସୋସିଏଶନ ଓ ଜିଲା ଆସୋସିଏଶନ ମିଳିତ ଆନୁକୂଲ୍ୟରେ ୧୨ ଓ ୧୩ ତାରିଖରେ ପ୍ରତିଯୋଗିତା ହେବ। ଏଥିରେ ମହିଳାଙ୍କ ସମେତ ୨୫୦ ଜଣ ପ୍ରତିଯୋଗୀ ଭାଗ ନେବେ। ମହିଳାମାନଙ୍କୁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଦିଆଯିବ ବୋଲି ଶୁକ୍ରବାର ଏଠାରେ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ସେମାନେ କହିଥିଲେ, ଜିଲାରେ ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାରେ ରାଜ୍ୟର ୨୦ରୁ ଅଧିକ ଜିଲାର ପ୍ରତିଯୋଗୀ ସାମିଲ ହେବେ। ଖେଳାଳିମାନଙ୍କୁ ଟ୍ରଫି ସହ ଆର୍ଥିକ ରାଶି ପୁରସ୍କାର ଦିଆଯିବ। ୧୮ ବିଭାଗରେ ପ୍ରତିଯୋଗିତା କରାଯିବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳାଳିମାନେ ଜଜ୍ ଦାୟିତ୍ୱ ତୁଲାଇବେ। ଆର୍ଥିକବର୍ଷ ୨୦୨୧-୨୨ ପାଇଁ ରାଜ୍ୟର ଟାଇଟଲ ଲାଗି ପ୍ରତିଯୋଗିତା ହେବ। ଅନୁଷ୍ଠାନର ସମ୍ବଲପୁର ଜିଲା ସଭାପତି ସତିଶ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ସନ୍ତୋଷ ମହାନ୍ତି, କାର୍ଯ୍ୟକାରୀ ସଭାପତି ନିଶାନ୍ତ ବହିଦାର, ସାଧାରଣ ସମ୍ପାଦକ ଅମିତାଭ ପରିଡା, ଉପସଭାପତି ମହମ୍ମଦ ଅଲିମ, ଜିଜି ଜୋଶେଫ, ଶୁଭ୍ରାଂଶୁ ପଟ୍ଟନାୟକ, ଆସିଫ ଖାନ, ସାଙ୍ଗଠନିକ ସମ୍ପାଦକ ଦୁଲାଲଚନ୍ଦ୍ର ରାୟ, ସୁରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍ସବ ସମୟରେ ଅନୁପସ୍ଥିତ ରହିବାକୁ ନିର୍ଦ୍ଦେଶ

**ସମ୍ବଲପୁର,୧୧।୩ (ବ୍ୟୁରୋ)**

### ଭିସୁଟ୍‌ରେ ଛାତ୍ରଗୋଷ୍ଠୀ ମାରପିଟ ଘଟଣା

ସମ୍ବଲପୁର ଜିଲା ବୁର୍ଲାର ଭିସୁଟ୍‌ରେ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ମାରପିଟ ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣା ଏବେ ତଦନ୍ତ ପରିସରଭୁକ୍ତ ରହିଛି। ଏପରିସ୍ଥଳେ ଭିସୁଟ୍‌ରେ ଆସନ୍ତା ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ବାର୍ଷିକ ଉତ୍ସବ ପାଳନ କରାଯିବ। ଉତ୍ସବ ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ ଆଶଙ୍କା କରି ଭିସୁଟ୍ କର୍ତ୍ତୃପକ୍ଷ ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି। ସମ୍ପୃକ୍ତ ଛାତ୍ରଙ୍କୁ କଲେଜ ଓ ହଷ୍ଟେଲରୁ ୧୨ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିନ୍ କାର୍ଯ୍ୟାଳୟ ପକ୍ଷରୁ ଏହି ନୋଟିସ୍ କରାଯାଇଛି। ଏହି ଛାତ୍ରମାନଙ୍କ ମଧ୍ୟରେ ତୃତୀୟ ବର୍ଷର ୧୧ ଜଣ ଓ ଦ୍ୱିତୀୟ ବର୍ଷର ୧୧ ଜଣ ଛାତ୍ର ଅଛନ୍ତି। ଏ ନେଇ ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି କହିଛନ୍ତି, ସାମାଜିକ ଗଣମାଧ୍ୟମରେ କିଛି ପୋଷ୍ଟକୁ ନେଇ ଦୁଇ ଛାତ୍ରଗୋଷ୍ଠୀ ଭିତରେ ଅସନ୍ତୋଷ ଲାଗିରହିଥିଲା। ଆଗକୁ ଉତ୍ସବ ରହିଛି। କାଳେ ଅଘଟଣ ହେବ ସେଥିପାଇଁ ଅନୁପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ମାର୍ଚ୍ଚ ୫ରେ ଭିସୁଟ୍‌ରେ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ମାରପିଟ ନେଇ ଚର୍ଚ୍ଚା ହୋଇଥିଲା। ବିଳମ୍ବିତ ରାତିରେ ଏକ ହଷ୍ଟେଲର ଜଣେ ଜୁନିୟର ଛାତ୍ର ଥିବା ବେଳେ ଅନ୍ୟ ଏକ ହଷ୍ଟେଲର ସିନିୟର ଛାତ୍ରମାନେ ଆସିଥିଲେ। ସେମାନେ କନିଷ୍ଠ ଛାତ୍ରଙ୍କୁ ମୋବାଇଲରୁ କିଛି ଡାଟା ଡିଲିଟ କରିବାକୁ କହି ମାରପିଟ କରିଥିଲେ। ଅଭିଯୋଗ କଲେ ଆହୁରି ମାଡ଼ ହେବ ବୋଲି ଧମକ ଦେଇଥିଲେ। ଘଟଣା ସମ୍ପର୍କରେ କନିଷ୍ଠ ଛାତ୍ରମାନେ ସକାଳେ ହଷ୍ଟେଲ ୱାର୍ଡେନଙ୍କୁ ଅଭିଯୋଗ କରିଥିଲେ। ହେଲେ ଘଟଣାକୁ କୁଳପତି ମାଝି ଖଣ୍ଡନ କରି କହିଥିଲେ, ର୍‍ୟାଗିଂ ହେବାର ପ୍ରଶ୍ନ ଉଠୁ ନାହିଁ। ମୋ ପାଖରେ କିମ୍ବା କୌଣସି ଫୋରମରେ ଏଭଳି ଅଭିଯୋଗ ହୋଇ ନାହିଁ।

## କୁଆଁରମୁଣ୍ଡା ବ୍ଲକରେ ସରିଲା ନାଏବ ସରପଞ୍ଚ ନିର୍ବାଚନ

**କୁଆଁରମୁଣ୍ଡା,୧୧।୩(ଡି.ଏନ.ଏ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଘୋଷିତ ତାରିଖ ଅନୁଯାୟୀ ୧୧ ତାରିଖ ଅର୍ଥାତ ଶୁକ୍ରବାର ଥିଲା ବିଭିନ୍ନ ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ । ଏହି କ୍ରମରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ୨୦ଟି ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କୁଆଁରମୁଣ୍ଡା ସଦର ପଞ୍ଚାୟତରୁ ସୁନିତା ସାମଲ, କଟାରୁ ପଞ୍ଚାୟତରୁ ପୁନମ୍ ଧନୱାର, ପଦମପୁରରୁ ସୁବାନି ଲାକ୍ରା, ଡୁମେରଯୋରୁ ମଧୁସୂଦନ ଓରାମ ପ୍ରମୁଖ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ସମସ୍ତ ୨୦ଟି ପଞ୍ଚାୟତରେ ଅନୁଷ୍ଠିତ ଏହି ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିବା ସୂଚନା ମିଳିଛି ।

## ୟୁକ୍ରେନ ଫେରନ୍ତା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଜାମଟିକ୍ରା, ୧୧।୩(ଡି.ଏନ.ଏ)**

ଋଷ୍ ଓ ୟୁକ୍ରେନ ଯୁଦ୍ଧ ଯୋଗୁ ୟୁକ୍ରେନରେ ଫସି ରହିଥିବା ଅତାବିରା ବ୍ଲକ ଅଧୀନ ରେଙ୍ଗାଲି କ୍ୟାମ୍ପର ଡାକ୍ତରୀ ଛାତ୍ରୀ ମାଣ୍ଡା ଜ୍ୟୋତିଶ୍ୱରୀ ଗତ ୯ତାରିଖରେ ଘରକୁ ଫେରିଛନ୍ତି। ଏହାପରେ ତାଙ୍କୁ ଅତାବିରାର ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତାବିରା ଓକିଲ ସଂଘ ସଭାପତି ଉନ୍ନିକ୍ରିଷ୍ଣା ନାୟାର, ବିରୁ ବାଙ୍କା, ଅବସରପ୍ରାପ୍ତ ସୈନିକ କାଶୀ ବେହେରା ଓ ଦେବଦତ୍ତ ସାହୁ, କୃଷକ ସଙ୍ଗଠନ ସଭାପତି ବିରେନ୍ଦ୍ର କର, ଆମ ସହର ଆମ ଦାୟିତ୍ୱ ସଙ୍ଗଠନର ଶେଷ ସାହୁ, ରାଇସ୍ ମିଲ୍ ସଂଘର ଲଳିତ ଚୌଧୁରୀ, ଜନକଲ୍ୟାଣ କୁଲତା ସମାଜର ସୁରେନ୍ଦ୍ର ସ୍ୱାଇଁ, ବରିଷ୍ଠ ନାଗରିକ ସଂଘ ସଭାପତି ବେଣୁଧର ମିଶ୍ର ପ୍ରମୁଖ ଜ୍ୟୋତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

# ୬ ଦଫା ଦାବିରେ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ରାଉରକେଲା ଅଫିସ,୧୧।୩**

ରାଉରକେଲା ଉଦିତନଗରସ୍ଥିତ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ପକ୍ଷରୁ ୬ ଦଫା ଦାବି ନେଇ ସମ୍ପାଦକ ହିମାଂଶୁ ଶେଖର ବଳଙ୍କ ନେତୃତ୍ୱରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ନେଇ ଭୁବନେଶ୍ୱର ସ୍ଥିତ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡା ଜିଲାର କର୍ମକର୍ତ୍ତାମାନେ ବିକ୍ଷୋଭରେ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ ରାଜ୍ୟ ପ୍ରଭାରୀ ବିବେକାନନ୍ଦ ମହନ୍ତ, ଲଳିତ ସୁନ୍ଦର ଜେନା, ଡାକ୍ତର ଟି. ସି ମହନ୍ତ, ସୁରେନ୍ଦ୍ର ପ୍ରସାଦ ରାୟ, ରାଜେନ୍ଦ୍ର ନାଥ ମହାନ୍ତ, ଅଶୋକ ଲୋହାର, ସତ୍ୟାନନ୍ଦ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ସୈନିକ ସ୍କୁଲ ପରିଦର୍ଶନ

**ସମ୍ବଲପୁର,୧୧।୩ (ବ୍ୟୁରୋ)**

ସମ୍ବଲପୁର ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଶୁକ୍ରବାର ଅଚାନକ ବସନ୍ତପୁରସ୍ଥିତ ସୈନିକ ସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ସେ ସ୍କୁଲ ପ୍ରିନ୍ସିପାଲ ଶୋଭିକ ଭଟ୍ଟାଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କ ପାଠପଢା ଅଗ୍ରଗତି, ଖେଳକୁଦ ସବୁ ଦିଗରେ ଆଲୋଚନା ହୋଇଥିଲା। ବିଭିନ୍ନ କୋଠା, ହଷ୍ଟେଲ, ଇଣ୍ଡୋର ଓ ଖେଳପଡିଆ ବୁଲି ଦେଖିଥିଲେ। ସମ୍ବଲପୁର ଜିଲାରେ ଶିକ୍ଷା କ୍ଷେତ୍ରରେ ସହଯୋଗ କରିବାକୁ ଭଟ୍ଟାଚାର୍ଯ୍ୟଙ୍କୁ ପରାମର୍ଶ ଦେଇଥିଲେ। ଜିଲା ପ୍ରଶାସନ ସହ ମିଳିତ ଭାବେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ଯୋଜନା କରିବାକୁ କହିଥିଲେ। ଏହି ଅବସରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଉପସ୍ଥିତ ଥିଲେ।



ସୈନିକ ସ୍କୁଲରେ ପ୍ରମୁଖ ସଚିବ ପ୍ରମୋଦ ମିଶ୍ର ଓ ଅନ୍ୟମାନେ ।

## ରୁଙ୍ଗ୍‌ଟା ଖଣିକୁ ଜାତୀୟ ସୁରକ୍ଷା ପୁରସ୍କାର

**ଟେନ୍‌ସା, ୧୧।୩ (ଡି.ଏନ.ଏ)**

କୋଇଡା ଓ ଯୋଡ଼ା ଖଣି ମଣ୍ଡଳରେ ଥିବା ରୁଙ୍ଗଟା ମାଇନ୍ସ ଲିମିଟେଡ଼କୁ ନୂଆଦିଲ୍ଲୀଠାରେ ଜାତୀୟ ସୁରକ୍ଷା ପୁରସ୍କାର ମିଳିଛି। ଗତ ୮ତାରିଖରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଏକ ନିରାଡ଼ମ୍ବର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟର କ୍ୟାବିନେଟ ମନ୍ତ୍ରୀ ଭୁପେନ୍ଦ୍ର ଯାଦବ, ଅନ୍ୟତମ ଅତିଥି ଭାବେ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲେଇ, ଡ଼ାଇରେକ୍ଟର ଜେନେରାଲ ମାଇନ୍ସ ସେଫ୍ଟି ପ୍ରଭାତ କୁମାର ପ୍ରମୁଖ ଯୋଗଦେଇଥିଲେ। ଏସ୍‌ଆର ରୁଙ୍ଗଟା ଗ୍ରୁପ ଅଫ୍ ମାଇନ୍ସର ଜଜାଙ୍ଗ, କଲମଙ୍ଗ ଏବଂ ଘାଟକୁରୀ ଖଣିକୁ ୨୦୧୭ ଓ ୨୦୧୮ ବର୍ଷ ପାଇଁ ଜାତୀୟ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାରକୁ ରୁଙ୍ଗଟା ଖଣି ବିଭାଗର ମହାପ୍ରବନ୍ଧକ ସୁଭାଷ ଚନ୍ଦ୍ର ବେହେରା, ଉପ ମହାପ୍ରବନ୍ଧକ ଲକ୍ଷ୍ମଣ ସା, ବରିଷ୍ଠ ପ୍ରବନ୍ଧକ ଇନ୍ଦ୍ରଜିତ ପଣ୍ଡା, ଫୋରମାନ ପ୍ରଶାନ୍ତ କୁମାର ସେନ, ସଞ୍ଜୟ କୁମାର ଏବଂ ପ୍ରଦୀପ କୁମାର ପଲେଇ ପ୍ରମୁଖ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ। ରୁଙ୍ଗଟା କମ୍ପାନୀର ଉପସଭାପତି ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ରାମୁ ଅଗ୍ରୱାଲ ଏହି ପରିପ୍ରେକ୍ଷୀରେ ଖୁସି ପ୍ରକାଶ କରି ସମସ୍ତ କର୍ମଚାରୀଙ୍କୁ ଆଗାମୀ ସମୟରେ ମଧ୍ୟ ଏହି ସଫଳତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।



ରୁଙ୍ଗଟା ମାଇନ୍ସ ଲିମିଟେଡ଼କୁ ଜାତୀୟ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଉଛି।

## ନକ୍‌ଆଉଟ କ୍ରିକେଟ: ଝାରସୁଗୁଡ଼ା ଟିମ୍ ବିଜୟୀ

**ବ୍ରଜରାଜନଗର,୧୧।୩(ଡି.ଏନ.ଏ.)**

ବ୍ରଜରାଜନଗର କ୍ରିକେଟ କ୍ଲବ ଓ ଆମ୍ବିସନ କ୍ଲବ ବ୍ରଜରାଜନଗର ମିଳିତ ଆୟୋଜିତ ଜି ଶ୍ୟାମଲ ରାଓ ସ୍ମାରକୀ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ପଞ୍ଚମ ଦିନରେ ପ୍ରୋଗ୍ରେସିଭ ଆସୋସିଏଶନ ଝାରସୁଗୁଡ଼ା ଓ ମଧ୍ୟନ୍ତି କ୍ଲବ କୋରବା ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଝାରସୁଗୁଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୯ ଉଇକେଟ ହରାଇ ୨୦୯ ରନ ସଂଗ୍ରହ କରିଥିଲା। ଜବାବରେ କୋରବା ଦଳ ୩୧.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଝାରସୁଗୁଡ଼ା ଦଳ ୭୮ ରନ ବ୍ୟବଧାନରେ ବିଜୟ ହାସଲ କରିଥିଲା। ବିଜୟୀ ଦଳର ସନ୍ତୋଷ ଯାଦବ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ଶୋଭନ ଦେବ ରବୀନ୍ଦ୍ର ସିଂହ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଭଞ୍ଜନ ବଳ ଓ ଅନିରୁଦ୍ଧ କେୱଟ ମ୍ୟାଚ ପରିଚାଳନା କରିଥିଲେ।

# ଓପିଜିସିରେ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**ଝାରସୁଗୁଡ଼ା ଅଫିସ,୧୧।୩**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି) ବନହରପାଲିସ୍ଥିତ ଇବ୍‌ଥର୍ମାଲ ପ୍ରକଳ୍ପରେ ୫୧ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ସୁରକ୍ଷାକୁ ନେଇ ସପ୍ତାହେ ଧରି ପ୍ରକଳ୍ପ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଫ୍ୟାକ୍ଟ୍ରି ଆଣ୍ଡ ବୟଲର ଆସିଷ୍ଟାଣ୍ଟ ଡାଇରେକ୍ଟର ମନୋଜ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ବିଭିନ୍ନ ବିଭାଗ ତରଫରୁ ସେଫ୍ଟି ଟୁଲ୍, ପିପିଇ ଆଦି ପ୍ରଦର୍ଶିତ କରାଯାଇଥିଲା। ଇଏଚ୍‌ଏସ୍ ଏଏସ୍ ରାଓ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ଦେଇଥିଲେ। ଏଥିରେ ପ୍ଲାଣ୍ଟ ମ୍ୟାନେଜର ସୁଧାକର ସ୍ୱାଇଁ, ମ୍ୟାନେଜର-୨ ସୁକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କମ୍ପାନୀ ନିର୍ଦ୍ଦେଶକ (ଅପରେଶନ୍) ମାନସ ରଞ୍ଜନ ରାଉତ ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରକଳ୍ପ ପେରିଫେରି ଅଞ୍ଚଳରେ ସେଫ୍ଟି କୁଇଜ୍, ଡ୍ରଇଁ, ସେଫ୍ଟି ସ୍ଲୋଗାନ, ଆୱାରନେଶ୍, ଫାୟାର ମକ୍‌ଡ୍ରିଲ୍ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାକୁ ସିନିୟର ମ୍ୟାନେଜର (ସେଫ୍ଟି) ଶରତ ଚନ୍ଦ୍ର ନାୟକ, ଯତିନ୍ଦ୍ର କୁମାର ସାହୁ ପ୍ରମୁଖ ପରିଚାଳନା କରିଥିବାବେଳେ ପାର୍ଥ ସାରଥୀ ପଣ୍ଡା ଧନ୍ୟବାଦ ଦେଇଥିଲେ ।




କାର୍ଯ୍ୟକ୍ରମରେ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

# ଜେଲ ଅନ୍ତେବାସୀଙ୍କ ସ୍ୱାବଲମ୍ବୀ ପାଇଁ ପ୍ରୟାସ

**ଝାରସୁଗୁଡ଼ା ଅଫିସ,୧୧।୩**

ଝାରସୁଗୁଡ଼ା ସବ୍‌ଜେଲ୍‌ରେ ରହୁଥିବା ଅନ୍ତେବାସୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜେଲ୍ କର୍ତ୍ତୃପକ୍ଷ ଓ ପ୍ରିଜନ୍ ମିନିଷ୍ଟ୍ରି ଇଣ୍ଡିଆ ତରଫରୁ ଉଦ୍ୟମ ଆରମ୍ଭ ହୋଇଛି। ଜେଲ୍ ପରିସରରେ ଏଲ୍‌ଇଡି ବଲ୍‌ବ ଆସେମ୍ବିଲିଂ ୟୁନିଟ୍ ଓ ଡିଟରଜେଣ୍ଟ ପାଉଡର ମେକିଂ ୟୁନିଟ୍ ପ୍ରତିଷ୍ଠା କରାଯାଇଛି। ଏହି ଦୁଇ ୟୁନିଟ୍‌କୁ ଶୁକ୍ରବାର ମୁଖ୍ୟଅତିଥି ଉତ୍ତରାଞ୍ଚଳ ଡିଆଇଜି ଅନସୂୟା ଜେନା ଉଦ୍‌ଘାଟନ କରିଛନ୍ତି। ଏଥିରେ କାରାଗାର ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ଓ ସବ୍‌ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଦେବେନ୍ଦ୍ର ଥାଟି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଡିଆଇଜି ଜେନା କହିଥିଲେ, ସବ୍‌ଜେଲ୍‌ରେ ଏଲ୍‌ଇଡି ବଲ୍‌ବ ଆସେମ୍ବିଲିଂ ୟୁନିଟ୍ ପ୍ରତିଷ୍ଠା କରିବା ରାଜ୍ୟରେ ପ୍ରଥମ। ଏହି ୟୁନିଟ୍‌ରେ ଜେଲ୍ ଅନ୍ତେବାସୀ କାମକରି ସ୍ୱାବଲମ୍ବୀ ହୋଇପାରିବେ। ଏଠାରେ ପ୍ରସ୍ତୁତ ଏଲ୍‌ଇଡି ବଲ୍‌ବ ଓ ଡିଟରଜେଣ୍ଟ ପାଉଡର ସେମାନେ ନିଜେ ବ୍ୟବହାର କରିବା ସହ ବଜାରରେ ମଧ୍ୟ ବିକ୍ରି ହୋଇପାରିବ।



ଏଲ୍‌ଇଡି ବଲ୍‌ବ ଆସେମ୍ବିଲିଂ ୟୁନିଟ୍ ଉଦ୍‌ଘାଟନ କରୁଛନ୍ତି ଉତ୍ତରାଞ୍ଚଳ ଡିଆଇଜି।

### ଏଲ୍‌ଇଡି ବଲ୍‌ବ ଆସେମ୍ବିଲିଂ ୟୁନିଟ୍ ପ୍ରତିଷ୍ଠା

ଏହା ଦ୍ୱାରା ଅନ୍ତେବାସୀ ଅର୍ଥ ଉପାର୍ଜନ କରି ସ୍ୱାବଲମ୍ବୀ ହେବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ। ଏଥିପାଇଁ ସେ ଜେଲ୍ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିଜନ ମିନିଷ୍ଟ୍ରି ଇଣ୍ଡିଆ ଝାରସୁଗୁଡ଼ା ଶାଖାର ସଦସ୍ୟା ସିଷ୍ଟର ମର୍ସିଆନ୍, ସିଷ୍ଟର ଲଳିତା, ଫାଦ୍‌ର ଖ୍ରୀଷ୍ଟଫର୍, ଫାଦର ରସଲ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ନିର୍ବାଚନ ଅଧିକାରୀଙ୍କୁ ତାଲିମ ପ୍ରଦାନ

ବରପାଲି,(ଡି.ଏନ.ଏ): ବରଗଡ଼ ଜିଲା ବରପାଲି ଏନଏସି ନିର୍ବାଚନ ପାଇଁ ଶୁକ୍ରବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ବରପାଲି କଲେଜରେ ହୋଇଥିବା ଏହି ଶିବିରରେ ଆସନ୍ତା ୨୪ତାରିଖରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ନିଯୁକ୍ତ ପ୍ରିଜାଇଡ଼ିଂ ଅଫିସର ଏବଂ ପୋଲିଂ ଅଫିସରଙ୍କୁ ତାଲିମ ଦିଆଯାଇଥିଲା। ବରପାଲିର ନିର୍ବାଚନ ଅଧିକାରୀ ଅକ୍ଷୟ କୁମାର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ନିର୍ବାଚନ ପର୍ଯ୍ୟବେକ୍ଷକ ଦେବେନ କୁମାର ପ୍ରଧାନ, ବରଗଡ଼ ଅତିରିକ୍ତ ଜିଲାପାଳ ମିର୍ଦ୍ଧି ଟପ୍ପୋ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ବିଡ଼ିଓ ତ୍ରିବିକ୍ରମ କୁମୁରା, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର ପ୍ରମୁଖ ଯୋଗଦାନ କରିଥିଲେ। ଶିବିରରେ ୪୧ଜଣ ପ୍ରିଜାଇଡ଼ିଂ ଓ ପୋଲିଂ ଅଫିସରଙ୍କୁ ତାଲିମ ଦିଆଯାଇଥିଲା।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଲହୁଣୀପଡ଼ା/ଟେନ୍‌ସା,୧୧।୩ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ଛକ ନିକଟରେ ଶୁକ୍ରବାର ମଧାହ୍ନ ପ୍ରାୟ ଦେଢ଼ଟାରେ ଦୁର୍ଘଟଣା ଘଟିଛି। ଏକ ଟ୍ରକ ସାଇକେଲ ଆରୋହୀଙ୍କୁ ଧକ୍କା ଦେବାରୁ ସାଇକେଲ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। କଲେଇପୋଷ ପଞ୍ଚାୟତ ପରାଗ ପୋଷ ଗ୍ରାମର ମାଙ୍ଗା ଓରାମ (୪୨) ସାଇକେଲରେ ପରିବା ନେଇ କଲେଇପୋଷ ହାଟକୁ ବିକ୍ରି କରିବା ପାଇଁ ଯାଉଥିଲେ। ଲହୁଣୀପଡ଼ା ପଟୁ ଯାଉଥିବା ଓଡ଼ି-୧୪ଭି ୭୩୪୦ ଟ୍ରକ ଧକ୍କା ଦେବା ସହିତ କିଛି ଦୂର ଘୋଷାରି ନେଇଯାଇଥିଲା। ଫଳରେ ସାଇକେଲ ଓ ପରିବା ନଷ୍ଟ ହେବା ସହିତ ଘଟଣା ସ୍ଥଳରେ ମାଙ୍ଗାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇଛି।

### ବିଭିନ୍ନ ପଞ୍ଚାୟତରେ ନିର୍ବାଚନ ଶେଷ

#### ବଡ଼ଗାଁ ପଞ୍ଚାୟତ ନାଏବ ସରପଞ୍ଚ ହେଲେ ଗୌରୀ

ବଡ଼ଗାଁ,୧୧।୩(ଡି.ଏନ୍.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକର ସମସ୍ତ ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ହୋଇଯାଇଛି। ବଡ଼ଗାଁ ପଞ୍ଚାୟତର ନାଏବ ସରପଞ୍ଚ ଆସନରେ ଦୁଇ ଜଣ ପ୍ରାର୍ଥୀ ସରୋଜିନୀ ସା ଓ ଗୌରୀ ମାଝୀ ନାମାଙ୍କନପତ୍ର ଦାଖଲ କରିଥିଲେ। ସରୋଜିନୀ ୫ ଖଣ୍ଡ ଭୋଟ ପାଇଥିଲାବେଳେ ଗୌରୀ ୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ବଡ଼ଗାଁ ଯୋଗାଣ ନିରୀକ୍ଷକ ଶିବାନୀ ରାଣୀ ବରିହା ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ଫୁଲବାରୀ ପଞ୍ଚାୟତରେ ନାଏବ ସରପଞ୍ଚ ଆସନରେ ୨ଜଣ ପ୍ରାର୍ଥୀ ଯଶୋଦା ପୃଷ୍ଟେଟ ଓ ତରୁଲତା ବରିହାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ତରୁଲତା ୯ ଖଣ୍ଡ ଭୋଟ ପାଇଥିଲାବେଳେ ଯଶୋଦା ପୃଷ୍ଟେଟ ୭ ଖଣ୍ଡ ଭୋଟ ପାଇଥିଲେ। ଇତମା ପଞ୍ଚାୟତର ନାଏବ ସରପଞ୍ଚ ଆସନରେ କେଦାର ବାରିକ ଅପ୍ରତିଦନ୍ଦୀ ରହିଥିଲାବେଳେ ତୁଡାଲଗା ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ସୁଦୀପ ବାଡାଙ୍କ ପ୍ରଚେଷ୍ଟାରେ ଜୁଲିଆ ମିଞ୍ଜ ଅପ୍ରତିଦନ୍ଦୀ ଭାବେ ନାଏବ ସରପଞ୍ଚ ଆସନ ଅଳଙ୍କୃତ କରିଥିଲେ। ସେହିପରି ଟିକିଲିପଡା ପଞ୍ଚାୟତରେ ହେମାମାଳିନୀ ନାଏକ, ଜରଙ୍ଗଲୋଇରେ ଡିଲେସ୍ୱର ଗରଡିଆ, ଦାଣ୍ଡଜମରାରେ ମାରିଆନା ଡୁଙ୍ଗଡୁଙ୍ଗ, ଟିମନାରେ ଜେମେଶ ଲାକ୍ରା, ସାହାଜବାହାଲରେ ଅଶୋକ ପଟେଲ, ଏକମାରେ ମଣୀଚରଣ ରାଉତ, ପାମରା ପଞ୍ଚାୟତରେ ଅରୁଣ କୁମାର ରାଉତଙ୍କୁ ଅପ୍ରତିଦନ୍ଦୀ ଘୋଷଣା କରାଯାଇଥିଲା। ଭୋଇପାଲି ପଞ୍ଚାୟତରେ ତିଲୋତ୍ତମା ଗରଡିଆ ଓ ରୁନଗା ପଞ୍ଚାୟତରେ କଲ୍ୟାଣୀ କରିଆଲି ନାଏକ ସରପଞ୍ଚ ଆସନରେ ବିଜୟୀ ହୋଇଛନ୍ତି।

### ଏସ୍‌ୟୁର ପ୍ରତିନିଧିତ୍ୱ କରିବେ ସ୍ମିସ୍ମାରାଣୀ

#### ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କୁସ୍ତି ପ୍ରତିଯୋଗିତା

ସମ୍ବଲପୁର,୧୧।୩(ବ୍ୟୁରୋ): ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କୁସ୍ତି ପ୍ରତିଯୋଗିତାରେ ସମ୍ବଲପୁର ଝିଅ



ସ୍ମିସ୍ମାରାଣୀ ଭାଜି ଭାଗ ନେବାକୁ ମନୋନୀତ ହୋଇଛନ୍ତି। ସେ ଏକ ମାତ୍ର ଖେଳାଳି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରିବେ। ତେଣୁ ସେ ଶୁକ୍ରବାର ହରିୟାଣା ଅଭିମୁଖେ ଯାତ୍ରା କରିଛନ୍ତି। ସମ୍ବଲପୁର କଚେରି ରୋଡ୍‌ର ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ଅଧକ୍ଷ ଡ. ଦୁଲ୍ଲଭ ସା, ଖେଳ ଇନଚାର୍ଜ ଡ. ହରିହର ମଲ୍ଲିକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଖେଳ ସମ୍ପାଦକ ଦେବେନ୍ଦ୍ର ମହାଲିକ, ଖେଳ ଅଧିକାରୀ ଅବିନାଶ କର, ଗାୟତ୍ରୀ ମିଶ୍ର, ଦିବ୍ୟଲକ୍ଷ୍ମୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ୟୁକ୍ରେନ୍‌ରୁ ଫେରିଲେ ପ୍ରିୟବ୍ରତ

ସୋନପୁର,୧୧।୩(ନି.ପ୍ର.)

ସୁବର୍ଣ୍ଣପୁର ସହର ଗୋକର୍ଣ୍ଣେଶ୍ୱରପଡାର ଡାକ୍ତରୀ ଛାତ୍ର ପ୍ରିୟବ୍ରତ ସାହୁ ଶୁକ୍ରବାର ନିଜ ଘରକୁ ଫେରିଛନ୍ତି। ଫଳରେ ପ୍ରିୟବ୍ରତଙ୍କ ମା, ବାପା ଓ ପରିବାରବର୍ଗଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପ୍ରିୟବ୍ରତ ୟୁକ୍ରେନ୍‌ର ଖାରକିଭ୍ ନ୍ୟାଶନାଲ ମେଡିକାଲ ୟୁନିଭରସିଟିର ଦ୍ୱିତୀୟ ବର୍ଷର ଛାତ୍ର। ପ୍ରିୟବ୍ରତ ନିଜର ଅନୁଭୂତି ସମ୍ପର୍କରେ କହିଛନ୍ତି ଯେ, ୟୁକେନ୍ ଉପରେ ରୁଷିଆର ଆକ୍ରମଣ ଯୋଗୁ ଭାରତୀୟ ଛାତ୍ରୀଛାତ୍ରମାନେ ଭୟଭୀତ ହୋଇ ପଡିଥିଲେ। ୧୫ ଦିନ ଧରି ଭୟଭୀତ ଅବସ୍ଥାରେ ଖାରକିଭ୍ ସହରରେ ରହି ଯାଇଥିଲେ। ତାଙ୍କୁ ମେଟ୍ରୋ ରେଲୱେ ଷ୍ଟେଶନରେ ରାତିରେ ରହିବାକୁ ପଡିଥିଲା। ଭାରତୀୟ ଦୂତାବାସଙ୍କ ନିର୍ଦ୍ଦେଶକ୍ରମେ ୫୦୦ରୁ ଉର୍ଦ୍ଧ୍ୱ ଭାରତୀୟ ଛାତ୍ର ଗତ ୨ ତାରିଖରେ ଧାଡି ହୋଇ ୨୦ କିଲୋମିଟର ଦୂର ୟୁକ୍ରେନ୍‌ର ପୋଷାଚୀନ ସହରକୁ ଆସିଥିଲେ। ଛାତ୍ରୀଛାତ୍ରମାନେ ଧାଡିରେ ଆସୁଥିବା ସମୟରେ ନିକଟରେ ମିଶାଇଲ୍ ମାଡ ହୋଇଥିଲା। ସମସ୍ତେ ଭୟଭୀତ ହୋଇ ପଡିଥିଲେ। ୩ ଦିନ ଧରି ସେମାନଙ୍କୁ ପୋଷାଚୀନରେ ଭୋକ ଉପାସରେ ରହିବାକୁ ପଡିଲା। ୭ ତାରିଖରେ ପୁଣି କାରରେ ରୋମାନିଆ ସୀମାବର୍ତ୍ତୀ ଅଞ୍ଚଳକୁ ଆସିଥିଲେ। ସେଠାରେ ଭାରତ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଖାଇବା ପିଇବା ବ୍ୟବସ୍ଥା ହୋଇଥିଲା । ୮ ତାରିଖ ରାତିରେ ଭାରତ ସରକାରଙ୍କ ଅପରେଶନ ଗଙ୍ଗା ପକ୍ଷରୁ ସେମାନଙ୍କୁ ଏକ ସ୍ୱତନ୍ତ୍ର ବିମାନରେ ନୂଆଦିଲ୍ଲୀକୁ ଅଣା ଯାଇଥିଲା। ନୂଆଦିଲ୍ଲୀରେ ଓଡିଶା ସରକାରଙ୍କ ପକ୍ଷରୁ ଓଡିଶା ଭବନରେ ଛାତ୍ରୀଛାତ୍ରଙ୍କୁ ରଖା ଯାଇଥିଲା। ୯ ତାରିଖ ସନ୍ଧ୍ୟାରେ ସେ ଭୁବନେଶ୍ୱର ପହଞ୍ଚିଥିଲେ। ପ୍ରିୟବ୍ରତ ହେଉଛନ୍ତି ପ୍ରଣତି ଓ ପ୍ରସନ୍ନ କୁମାର ସାହୁଙ୍କ ପୁତ୍ର। ସେ ଓ ଅନ୍ୟ ଓଡିଆ ଛାତ୍ରୀଛାତ୍ରମାନେ ସୁରକ୍ଷିତ ଭାବେ ଘରକୁ ଫେରି ଥିବାରୁ ପ୍ରିୟବ୍ରତ ସହାୟତା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।



ମା' ଓ ବାପାଙ୍କ ସହ ଛାତ୍ର ପ୍ରିୟବ୍ରତ ସାହୁ।

**୨୦ କିଲୋମିଟର ଚାଲିଲେ, ୩ ଦିନ ଭୋକ ଉପାସରେ ରହିଲେ**

# ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପୁଣ୍ୟତିଥି ସମାରୋହ



କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା, ଅତିଥି।

କୁତ୍ରା,୧୧।୩(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଶୁକ୍ରବାର ଦାଦି ଗୁଲଜାରଙ୍କର ପ୍ରଥମ ଦିବ୍ୟତା ସମ୍ପନ୍ନ ପୂନ୍ୟତିଥି ଅବସରରେ ବ୍ରହ୍ମକୁମାରୀ ବିକେ ଭୁବନେଶ୍ୱରୀଙ୍କ ଅଧ୍ୟକ୍ଷତାରେ ଧୂମଧାମରେ ପାଳିତ ହୋଇଯାଇଛି। ଏଥିରେ ସାମ୍ବାଦିକ ଦେବାଶିଷ ସାହୁ, ରାଜେଶ ସାହୁ, ପ୍ରଶାନ୍ତ ସାହୁ, ସମେତ ରାଜଗାଙ୍ଗପୁର ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବ୍ରହ୍ମାକୁମାରୀ ମୁଖ୍ୟବକ୍ତା ଭାବେ ଉପସ୍ଥିତ ହୋଇ ଉଦବୋଧନ ଦେଇଥିଲେ। ଏଥିରେ କୁତ୍ରା ବ୍ଲକର ବ୍ରହ୍ମକୁମାରୀ ଗୀତା ପାଠଶାଳାରେ ବହୁ ଜନସଂଖ୍ୟାରେ ଆସି ଭାଇ ଭଉଣୀ ଉପସ୍ଥିତ ହୋଇ ସହଯୋଗ କରିଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପୂଣ୍ୟତିଥି ସମାରୋହ ଅବସରରେ ବିକେ ଭୁବନେଶ୍ୱରୀ ସମାଜର ସମସ୍ତ ଘରେ ଘରେ କୃଷି, କଳା ସଂସ୍କୃତି, ଗ୍ରାମ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ବିଷୟକୁ ନେଇ ସଚେତନତା କରିବା ନେଇ ନିଜର ଉପସ୍ଥାପନା ରଖିଥିଲେ। ସମସ୍ତେ ଏକଜୁଟ ହୋଇ ହାତ ସହିତ ହାତ ମିଳାଇ ସୁନାର ବିଶ୍ୱ ଗଠନ କରିବା ପାଇଁ ଉପଦେଶ ଦେଇଥିଲେ।

# ଦେବଗଡ଼ରେ ଭାଜପାର ବିଜୟ ଉତ୍ସବ

ଦେବଗଡ଼,୧୧।୩(ଡି.ଏନ୍.ଏ.)

ଉତ୍ତର ପ୍ରଦେଶ ସମେତ ଦେଶର ୪ଟି ସ୍ଥାନରେ ଭାଜପାକୁ ସଫଳତା ମିଳିଛି। ବିପୁଳ ସଫଳତା ନିମନ୍ତେ ସର୍ବତ୍ର ଭାଜପା ମହଲରେ ଖୁସିର ଲହରୀ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଦେବଗଡ଼ ଜିଲା ଭାଜପା ମହଲରେ ମଧ୍ୟ ବେଶ ଉତ୍ସାହ ପରିଲକ୍ଷିତ ହେବାସହ ଶୁକ୍ରବାର ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା, ଦୟାଶଙ୍କର ଦ୍ୱିବେଦୀ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୁଟିଆ ଓ ଜିଲା ଭାଜପା ଏସ୍.ସି. ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜ, ମୋତିଲାଲ ଶର୍ମା, କାର୍ତ୍ତିକ ମହାକୁଳ, ପିଲୁ ରାଜେଶ ନାୟକ, ସୁନୀଲ ଯାଦବ, ପ୍ରିତମ ବେହେରା, ସଞ୍ଜିବ ସୁନା, ସମୀର ସୁନା, ତନ୍ମୟ ଦାସ, ମଲିଆ ବେହେରା, କାହ୍ନା ଦେବ, କାବୁଲୁ ବେହେରା ଓ ମୋତିଲାଲ ଯାଦବଙ୍କ ମେତ ବହୁ ଭାଜପା କର୍ମୀ ସ୍ଥାନୀୟ ପୁରୁଣା ପୋଷ୍ଟ ଅଫିସ ଛକଠାରେ ରୁଣ୍ଡ ହୋଇ ଦଳ ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବାଣ ଫଟକା ଫୁଟାଇ ବିଜୟ ଉତ୍ସବପାଳନ କରିଥିଲେ। ଏହି ଅବସରରେ ଦଳ ପକ୍ଷରୁ ପଥଚାରୀମାନଙ୍କୁ ମିଷ୍ଟାନ୍ନ ମଧ୍ୟ ବଣ୍ଟନ କରାଯାଇଥିଲା।



ପୁରୁଣା ପୋଷ୍ଟ ଅଫିସ ଛକଠାରେ ଭାଜପା କର୍ମୀ ବିଜୟ ଉତ୍ସବ ପାଳନ କରୁଛନ୍ତି।

# ଏପ୍ରିଲ ୩ରୁ ସୋନପୁର ପ୍ରିମିୟର ଲିଗ୍ କ୍ରିକେଟ୍

ସୋନପୁର,୧୧।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଏପ୍ରିଲ ୩ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ସୋନପୁର ପ୍ରିମିୟର ଲିଗ୍(ଏସ୍‌ପିଏଲ) କ୍ରିକେଟ୍ ଗାନ୍ଧୀ ପଡିଆରେ ଅନୁଷ୍ଠିତ ହେବ। ଜିଲା କ୍ରିକେଟ୍ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପିଏଲ କମିଟିର ଅଧକ୍ଷ ବି ସତ୍ୟନାରାୟଣ ରାଓ ଏହି ସୂଚନା ଦେଇଛନ୍ତି। ଅପରାହ୍ନ ୨ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ମ୍ୟାଚ୍ ଅନୁଷ୍ଠିତ ହେବ। ୪ଟି ଟିମ୍ ଏହି ଟି/୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ଖେଳାଳି ଚୟନ ପାଇଁ ଆବେଦନ ଫର୍ମ ବିକ୍ରି ଆରମ୍ଭ ହୋଇଥିବା ସୂଚନା ଦିଆଯାଇଛି। ଆଗ୍ରହୀ ଖେଳାଳିମାନେ ଏହାର ସୁଯୋଗ ନେବାକୁ ଏସ୍‌ପିଏଲ କମିଟି ପକ୍ଷରୁ ସଭାପତି ବି ସୁଦର୍ଶନ ପାତ୍ର, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର କମଳାକାନ୍ତ ସାହୁ ଜଣାଇଛନ୍ତି। ଏହି ସମ୍ମିଳନୀରେ ଜିଲା କ୍ରିକେଟ୍ ସଂଘର ସଭାପତି ରାମ ଶଙ୍କର ସାହୁ, ଆଶିଷ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲରୁ ମୃତଦେହ ଜବତ

ଅତାବିରା,୧୧।୩(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ଟୋପ ନିକଟ କେନାଲରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ହିର୍ଲିପାଲିର ମୀନକେତନ ବନଛୋର। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩/୨୨) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଅନିଲ ପ୍ରଧାନ କହିଛନ୍ତି।

# ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ



ପୂଜା ବାଙ୍କ୍ରାଙ୍କୁ ସ୍ୱାଗତ କରାଯାଉଛି।

କୁତ୍ରା, ୧୧।୩ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗସ୍ଥିତ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଏକ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ କଟଙ୍ଗ ଗ୍ରାମର ସତ୍ୟବାଦୀ ବାଙ୍କ୍ରାଙ୍କ ଦିବ୍ୟାଙ୍ଗ ଝିଅ ପୂଜା ବାଙ୍କ୍ରାଙ୍କୁ ସ୍ୱାଗତ କରାଯାଇଛି। ସେ ଦିବ୍ୟାଙ୍ଗ କ୍ରିକେଟ ଖେଳରେ ଜାତୀୟ ସ୍ତରରେ ଉତ୍ତମ ପ୍ରଦର୍ଶନ କରି ଅମ୍ପେୟାର ପରୀକ୍ଷାରେ ଲେଭଲ ୧ ରେ ୯୪ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି ଓ ଲେଭଲ ୨ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଦିବ୍ୟାଙ୍ଗ ହୋଇ ମଧ୍ୟ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ଓ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ଗୌରବ ଆଣିଥିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି, ମୋ ସ୍କୁଲ ଅଭିଯାନର ଆଲୁମିନି ତଥା ଛାତ୍ରୀଛାତ୍ରଙ୍କ ଗହଣରେ ବିଦ୍ୟାଳୟ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ଆରମ୍ଭରୁ ଦିବ୍ୟାଙ୍ଗ ନ ଥିଲେ। ଗୋଟିଏ ଦୁର୍ଘଟଣାରେ ଆହତ ହୋଇ ଦିବ୍ୟାଙ୍ଗ ହୋଇଥିଲେ।ସେଥିରେ ସେ ନିଜକୁ ଦୁର୍ବଳ ନ ଭାବି ଆଗକୁ ବଢିବାର ସପ୍ନ ଦେଖି ଆଗକୁ ବଢି ଚାଲିଲେ। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରା, ପରିଚାଳନା କମିଟି ସଭାପତି ହେମନ୍ତ କୁମାର ସିଂ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମହେନ୍ଦ୍ର ସିଂ ପରିଚାଳନା କରିଥିବା ବେଳେ ମମତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କୁମାରୀ ଜୟପୁରିଆ, ଗୋପାଳକୃଷ୍ଣ ଦାଶ, ପ୍ୟାରେଲାଲ ସାହୁ, ଭିକାରୀ ଦାସ, ରବି କମାର, ଉଦିତ ସିଂ, ବିଜୟ କେର୍କେଟା, ଉଷାବତୀ ସୁନ୍ୟାନୀ, ଭାଗ୍ୟଶ୍ରୀ ବାଙ୍କ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ଶାନ୍ତିଶୃଙ୍ଖଳାର ସହ ନାଏବ ସରପଞ୍ଚ ନିର୍ବାଚନ

ଲହୁଣୀପଡ଼ା,୧୧।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହିତ ନାଏବ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହିତ ପ୍ରତ୍ୟେକ ପଞ୍ଚାୟତରେ ନିର୍ବାଚନ ଅଧିକାରୀ ନିଯୁକ୍ତି କରାଯାଇଥିବା ଜଣାପଡିଛି। ଲହୁଣୀପଡ଼ା ବ୍ଲକ ୧୭ଟି ପଞ୍ଚାୟତ ମଧ୍ୟରୁ ଫୁଲଝର ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ହୋଇପାରିଲା ନାହିଁ। କାରଣ ଫୁଲଝର ପଞ୍ଚାୟତ ୧୧ଟି ୱାର୍ଡକୁ ନେଇ ଗଠିତ। ସେଥି ମଧ୍ୟରୁ ୪ଟି ୱାର୍ଡରୁ ୱାର୍ଡ ସଭ୍ୟ ନିର୍ବାଚିତ ହୋଇଥିବାବେଳେ ଅନ୍ୟ ୭ଟି ୱାର୍ଡରେ ପ୍ରାର୍ଥୀ ଅଭାବରୁ ନିର୍ବାଚନ ହୋଇ ନ ଥିବାରୁ ଫୁଲଝର ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ହୋଇ ନ ଥିବା ଜଣାପଡ଼ିଛି। ୯ଟି ପଞ୍ଚାୟତ ମହୁଲପଦା ପଞ୍ଚାୟତରୁ କଇଁତା ନାଏକ, ଖୁଣ୍ଟଗାଁରୁ ଇନ୍ଦ୍ରମଣି ସିଂ, କୁଲିପୋଷରୁ ଲଳିତ ପ୍ରଧାନ, ହଳଦୀକୁଦରରୁ ଜାମ୍ୱୀ ମୁଣ୍ଡା, ରାଜାମୁଣ୍ଡାରୁ କୁଳେଶ୍ୱର କିଷାନ, ଶଙ୍ଖାପୋଷରୁ ସବିତା ମାହାନ୍ତ, ଭୁଡୁଡାରୁ କ୍ଷୀର ନାଏକ, କଲେଇପୋଷରୁ ଅହଲ୍ୟା ନାଏକ, କୁର୍ଡାରୁ ଜୟ ମୁଣ୍ଡା ନିଦ୍ୱନ୍ଦରେ ବିଜୟୀ ହୋଇଥିବା ବେଳେ ଅନ୍ୟ ୭ଟି ପଞ୍ଚାୟତରେ ତୀବ୍ର ପ୍ରତିଦ୍ୱନ୍ଦିତା ହୋଇଥିବା ଜଣାପଡିଛି। ସେଥି ମଧ୍ୟରୁ ଲହୁଣୀପଡ଼ା ପଞ୍ଚାୟତରୁ ଶସ୍ମିତା ମାହାନ୍ତ, କୁଡେଇକଳା ପଞ୍ଚାୟତରୁ ବାସନ୍ତୀ ମାହାନ୍ତ, ବଡ ପୁରୁଣା ପାଣି ପଞ୍ଚାୟତରୁ ମାଳତୀ କିଷାନ, ଦର୍ଜାଂ ପଞ୍ଚାୟତରୁ ଚୁମାନି ମୁଣ୍ଡା, ଡ଼ଲେଇସରା ପଞ୍ଚାୟତରୁ ଶୁଲୋଚନା ଦେହୁରୀ, ଶସ୍ୟକଳା ପଞ୍ଚାୟତରୁ ମାସୀ ଚରଣ ବୋଦ୍ରା, ତାଳବାହାଲି ପଞ୍ଚାୟତରେ ଆବନେଶ କେର୍କେଟା ନାଏବ ସରପଞ୍ଚ ଭାବେ ବିଜୟୀ ହୋଇଥିବା ଜଣାପଡିଛି।

**ଫୁଲଝର ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ହେଲାନାହିଁ**

# ସ୍ତ୍ରୀ ସରପଞ୍ଚ, ସ୍ୱାମୀ ନାଏବ ସରପଞ୍ଚ

ଝାରବନ୍ଧ,୧୧।୩(ଡି.ଏନ.ଏ)

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ କୁମୀର ପଞ୍ଚାୟତରେ ସ୍ତ୍ରୀ ସରପଞ୍ଚ ଏବଂ ସ୍ୱାମୀ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ଉକ୍ତ ପଞ୍ଚାୟତରେ ଯମୁନା ସାହୁ ସରପଞ୍ଚ ନିର୍ବାଚିତ ହୋଇଥିବା ବେଳେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନରେ ତାଙ୍କ ସ୍ୱାମୀ ଭିକାରୀ ଚରଣ ସାହୁ ନିର୍ବାଚିତ ହୋଇଛନ୍ତି। ଏହି ଦମ୍ପତି ସରପଞ୍ଚ, ନାଏବ ସରପଞ୍ଚ ପଦବୀରେ ରହିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଭିକାରୀ ପୂର୍ବରୁ ଉକ୍ତ ପଞ୍ଚାୟତରେ ୩ଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ଗତ ପଞ୍ଚାୟତ ଭୋଟରେ ସରପଞ୍ଚ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ତାଙ୍କ ସ୍ତ୍ରୀ ନିର୍ବାଚନ ଲଢିଥିଲେ। ଅନ୍ୟପଟେ ଭିକାରୀ ୱାର୍ଡ଼ସଭ୍ୟ ପଦବୀରେ ଲଢ଼ି ଜିତିଥିଲେ।

# ୬ ନମ୍ବର ୱାର୍ଡରେ ବିଜେଡିର ନିର୍ବାଚନୀ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ,୧୧।୩(ଡି.ଏନ.ଏ.)

୨୪ରେ ହେବାକୁ ଥିବା ପୌରପାଳିକା ନିର୍ବାଚନ ଅବସରରେ ସୁନ୍ଦରଗଡ଼ ପୌରପାଳିକା ୱାର୍ଡ ନମ୍ବର ୬ରେ ବିଜୁ ଜନତା ଦଳ ପକ୍ଷରୁ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ପୌରପାଳିକାର ଟାଉନ ବିଜେଡ଼ି ସଭାପତି ସୁରେନ୍ଦ୍ର ଭିତିରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୬ ନମ୍ବର ୱାର୍ଡ ପାଇଁ ବିଜେଡିରୁ ପ୍ରାର୍ଥୀ ହୋଇଥିବା ଲଲାଟେନ୍ଦୁ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇ ବିଜେଡ଼ି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବୈଠକରେ ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ବିଜେଡିର ରାଜ୍ୟ ପରିଷଦ ସଦସ୍ୟ ହରଜେନ୍ଦ୍ର ସିଂ, ପୂର୍ବତନ ଏସଡ଼ିସି ଅଧକ୍ଷ ସନ୍ତୋଷ ଅମାତ, ଯୁବ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଅଜୟ ଅମାତ, ଜିଲା ଯୁବ ବିଜେଡ଼ି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ପୂର୍ବତନ କାଉନସିଲର ଟିକେଶ୍ୱରୀ ନାଏକ, ରାଜ୍ୟ ଛାତ୍ର ବିଜେଡ଼ି ସମ୍ପାଦକ ଶିବାଜୀ ନାଏକ, ମୁକେଶ ପୁରୋହିତ, ଯୁବ ବିଜେଡି ଉପସଭାପତି ସୁବ୍ରତ ନାଏକ, ପ୍ରଶାନ୍ତ ପଟେଲ, ସୁଶାନ୍ତ ପଟେଲ, ତୋଫି କଲାମ, ଏମଡି ଇମତିଆଜ, ଏମଡ଼ି କଲିମ, ବୁଦ୍ଧଦେବ ମଲ୍ଲିକ,ଦେ ମହାନ୍ତି,ନରେନ୍ଦ୍ର ସିଂ,ଗୋବିନ୍ଦ ପାତ୍ର, ଉମେଶ ଶର୍ମା, ବାବର ଖାନ, ସୁଜାତା ଖମାରୀ, ଚନ୍ଦ୍ରିକା ଦାଶ, ରୋଶନ ସାହୁ ପ୍ରମୁଖ ଯୋଗଦେଇ ବିଜେଡିର ଉଭୟ ଅଧକ୍ଷ ପ୍ରାର୍ଥୀ ଏବଂ କାଉନସିଲର ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ବିଜୟ କରିବା ପାଇଁ ପ୍ରଚାର ପ୍ରଚାର ସକାଶେ ବକ୍ତବ୍ୟ ରଖିଥିଲେ। ଏହି ବୈଠକରେ ୬ ନମ୍ବର ୱାର୍ଡର ବିଜୁ ଜନତା ଦଳର ସମସ୍ତ ଯୁବ, ଛାତ୍ର ,ମହିଳା ଏବଂ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

**ସୁନ୍ଦରଗଡ଼ ପୌରପାଳିକା**



ବିଜେଡି କର୍ମୀ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ମନୋରମା ନାୟକ
(ଶିକ୍ଷୟିତ୍ରୀ)
ରେମୁଁଆ, ତାଳଚେର
ଆବିର୍ଭାବ: ୧୧।୧୧।୧୯୬୬
ତିରୋଧାନ: ୨୭।୦୨।୨୦୧୫
(ଫାଲ୍‌ଗୁନ ମାସ ଶୁକ୍ଳ ନବମୀ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ସ୍ୱାମୀ: ମୋହନ, ପୁତ୍ର: ମନୋରଞ୍ଜନ, ଝିଅ: ମୋନାଲିସା, ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୩୩୭୬

## ଖଡ଼ିଆଳ ବ୍ଲକରେ ନାଏବ ସରପଞ୍ଚ ନିର୍ବାଚନ ଶେଷ

ଖଡିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକର ୨୬ଟି ପଞ୍ଚାୟତର ନାଏବ ସରପଞ୍ଚ ପଦବୀ ପାଇଁ ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୬ଟି ପଞ୍ଚାୟତରେ ପୃଥକ ଭାବେ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଖଡିଆଳ ବ୍ଲକ ତୁକଲା, ରିଷିଗାଁ, ବାଦୀ ଏବଂ ଅରେଡା ପଞ୍ଚାୟତରେ ନିର୍ବାଚନ ହୋଇଥିଲା। ବାକି ୨୨ଟି ପଞ୍ଚାୟତରେ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାରୁ ସମସ୍ତ ନାଏବ ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି।



## ସଂକ୍ଷେପରେ

### କଳାହାଣ୍ଡି ଜିଲା: ଆଜି ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ

**ଭବାନୀପାଟଣା,୧୧।୩(ସ୍ୱ.ପ୍ର.):** କଳାହାଣ୍ଡି ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ପରେ ବିଜୟୀ ହୋଇଥିବା ସମିତିସଭ୍ୟାସଭ୍ୟମାନଙ୍କୁ ବିଭିନ୍ନ ଦଳ ପକ୍ଷରୁ ନିଆଯାଇ ସେମାନଙ୍କୁ ଅଜ୍ଞାତବାସରେ ରଖାଯାଇଛି। ଶନିବାର ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ହେବାକୁ ଥିବାରୁ ଅଜ୍ଞାତବାସରେ ରହିଥିବା ସମିତିସଭ୍ୟା/ସଭ୍ୟମାନେ ବ୍ଲକ କାର୍ଯ୍ୟାଳୟକୁ ବାହୁଡିବେ ବୋଲି ଜଣାପଡିଛି। ସେଠାରେ ସେମାନେ ନିଜ ପସନ୍ଦର ଅଧ୍ୟକ୍ଷ ନିର୍ବାଚିତ କରିବା ଏକପ୍ରକାର ପୂର୍ବରୁ ପ୍ରସ୍ତୁତ ହୋଇସାରିଛି। ଜିଲାରେ କେଉଁ ବ୍ଲକରେ କିଏ ଅଧ୍ୟକ୍ଷ ଗଢୁଛି ତାହା ଶନିବାର ଜଣାପଡିବ।

### ଧର୍ମଗୁଳାରେ ନାଏବ ସରପଞ୍ଚ ମନୋଜ ବିଜୟୀ

**କେସିଙ୍ଗା,୧୧।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ଶାନ୍ତିଶୃଙ୍ଖଳା ସହିତ ନାଏବ ସରପଞ୍ଚ ପଦବୀ ପାଇଁ ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀମାନେ ପ୍ରାର୍ଥୀଙ୍କୁ ପୂର୍ବାହ୍ନ ୧୦ଘଣ୍ଟାରୁ ୧୧ଘଣ୍ଟା ମଧ୍ୟରେ ନାମାଙ୍କନପତ୍ର ପ୍ରଦାନ କରିଥିଲେ। ମଧ୍ୟାହ୍ନ ୧୨ଟାରୁ ୧ଟା ମଧ୍ୟରେ ନାଏବ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବ୍ଲକର ୨୬ଟି ଗ୍ରାମପଞ୍ଚାୟତରୁ ବୋରିଆ ଗୋଟିଏ ପଞ୍ଚାୟତରେ ୨ଜଣ ପ୍ରାର୍ଥୀ ନାଏବ ସରପଞ୍ଚ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅନ୍ୟ ୨୫ଟି ପଞ୍ଚାୟତରେ ନିର୍ଦ୍ୱନ୍ଦ୍ୱରେ ନାଏବ ସରପଞ୍ଚ ନିର୍ବାଚନ ହୋଇଥିଲେ। ବୋରିଆ ଗ୍ରାମପଞ୍ଚାୟତରେ ମନୋଜ ଦାଶ ଓ ବିନୋଦ ସ୍ୱାଇଁ ୨ଜଣ ୱାର୍ଡ଼ ସଭ୍ୟ ନାଏବ ସରପଞ୍ଚ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଉଭୟେ ୬ଟି ଲେଖାଏଁ ଭୋଟ ପାଇଥିଲେ। ପରେ ଧର୍ମଗୁଳାରେ ମନୋଜ ବିଜୟ ହେବା ପରେ ଉଭୟ ଦଳ ସମର୍ଥକଙ୍କ ମଧ୍ୟରେ ବଚସା ହୋଇ ମାରପିଟ ହୋଇଥିଲା। ଏ ନେଇ ସେଠାରେ ଉପସ୍ଥିତ ଅଧିକାରୀ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କୁ ଜଣାଇଲା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରି ଫେରି ଯାଇଥିଲେ।

### ଖଡ଼ିଆଳ: ଆଜି ବ୍ଲକ ଅଧ୍ୟକ୍ଷ ନିର୍ବାଚନ

**ଖଡିଆଳ,୧୧।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ଶନିବାର ହେବ ନିର୍ବାଚନ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭୋଟ ଗ୍ରହଣ ସରିବା ପରେ ସାମ୍ଭାବ୍ୟ ବିଜୟୀ ପ୍ରାର୍ଥୀମାନଙ୍କୁ ନେଇ ଅଧ୍ୟକ୍ଷ ପଦ ଦୌଡରେ ଥିବା ୨ ଅଶାୟୀ ପ୍ରାର୍ଥୀ ଅଜ୍ଞାତବାସରେ ଥିବା ବେଳେ ଶନିବାର ନିର୍ବାଚନ ପରେ ଯବନିକା ପଡିବ। ଏଠାରେ ଅଧ୍ୟକ୍ଷ ପଦ ସାଧାରଣବର୍ଗ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ଅଧ୍ୟକ୍ଷ ଦୌଡରେ ଲାଞ୍ଜି ପଞ୍ଚାୟତରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ଥିବା ବେଳେ ଅନ୍ୟଜଣେ ପ୍ରାର୍ଥୀ ଚିନ୍ଦଗୁଡା ପଞ୍ଚାୟତ ସମିତି ସଭ୍ୟ କିରଣ ଜୟପୁରିଆ ରହିଛନ୍ତି। ବ୍ଲକର ମୋଟ ୨୬ଟି ପଞ୍ଚାୟତରୁ ଅରେଡା ପଞ୍ଚାୟତରେ ଜଣେ ସମିତି ସଭ୍ୟ ପ୍ରାର୍ଥୀଙ୍କ ଅକାଳ ବିୟୋଗ ହେବା ପରେ ଏଠାରେ ନିର୍ବାଚନ ସ୍ଥଗିତ ଥିବା ବେଳେ ୨୫ଟି ପଞ୍ଚାୟତରେ ସମିତି ସଭ୍ୟ ନିର୍ବାଚନ ହୋଇଥିଲା।

### ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୧୧।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ ମୁଷାନାଳ ଉଚ୍ଚ ବିଦ୍ୟାଳୟଠାରେ ବି/୧୨ ବାଟାଲିୟାନ ସିଆର୍‌ପିଏଫ୍ ପକ୍ଷରୁ ସିବିକ ଆକ୍ସନ ପ୍ରୋଗ୍ରାମ ଆୟୋଜିତ ହୋଇଯାଇଛି। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତର ୧୦ଟି ଗ୍ରାମର ୫ ଶହରୁ ଅଧିକ ଲୋକ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ବାଟାଲିୟାନ ଦ୍ୱିତୀୟ କମାଣ୍ଡେଣ୍ଟ ମହମ୍ମଦ ସାଜିଦ ଯୋଗଦେଇ ଗ୍ରାମବାସୀ ସରକାରଙ୍କୁ ସହାୟତା କରିବା ସହିତ ଦେଶର ବିକାଶରେ ସହଭାଗୀ ହୁଅନ୍ତୁ ବୋଲି ଉଦବୋଧନ ଦେଇଥିଲେ। ଯୁବଗୋଷ୍ଠୀଙ୍କୁ ଦେଶ ସେବା ପାଇଁ ସିଆର୍‌ପିଏଫ୍‌ରେ ଯୋଗଦେବାକୁ କହିଥିଲେ। ଅନ୍ୟତମ ଅତିଥି ଭାବେ ମୁଷାନାଳ ଏସ୍‌ବିଆଇ ବିଏମ ଜିତେନ୍ଦ୍ର କୁମାର ସାହୁ, ବନ୍ଧପାରି ସିଆରସିସି ତ୍ରିନାଥଶ୍ୟାମ କୁମାର, ମୁଷାନାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମଲ୍ଲିକ ମଞ୍ଚାସୀନ ଥିଲେ। ଏହି ଅବସରରେ ଗ୍ରାମବାସୀଙ୍କୁ ରେଡିଓ, ସୋଲାର ଲାଇଟ, ସ୍କୁଲ ବ୍ୟାଗ, ବାଲଟି ଆଦି ବଣ୍ଟନ କରାଯାଇଥିଲା।

## ବରଗଡ଼ ପୌର ପରିଷଦ ନିର୍ବାଚନ

# ସବୁ ଦଳକୁ ଅନ୍ତର୍ଦ୍ୱନ୍ଦ୍ୱ ଅଡୁଆ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୧୧।୩

ପଞ୍ଚାୟତ ଭୋଟ୍ ପରେ ପୌର ଭୋଟ୍‌କୁ ନେଇ ସବୁଠି ଚର୍ଚ୍ଚା। ବରଗଡ଼ ଜିଲା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ବାଜିମାତ୍ କରି ବିରୋଧୀ ଦଳକୁ ଚକିତ କରିଛି। ଏବେ ବିରୋଧୀ ଦଳଗୁଡିକ ପଞ୍ଚାୟତ ଭୋଟ୍‌ର ପ୍ରତିଶୋଧ ପୌର ଭୋଟ୍‌ରେ ନେବେ ବୋଲି ଅଣ୍ଟା ଭିଡ଼ିଛନ୍ତି। କିନ୍ତୁ ବିଜେଡ଼ି ପୌର ଭୋଟ୍‌ର ବିଜୟକୁ ହାତଛଡ଼ା କରିବାକୁ ଚାହୁଁନାହିଁ। ଏଭଳି ସ୍ଥିତିରେ ତିନି ପ୍ରମୁଖ ଦଳ ବିଜେଡ଼ି, ଭାଜପା, କଂଗ୍ରେସ ବରଗଡ଼ ପୌର ପରିଷଦ ଦଖଲ କରିବା ପାଇଁ ଆଶା ବାନ୍ଧିଛନ୍ତି । କିନ୍ତୁ ଦଳ ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ପ୍ରମୁଖ ଦଳଗୁଡ଼ିକୁ ଅଡୁଆ ସାଜିଛି। ଦଳୀୟ ନେତାଙ୍କୁ ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ୍ ବିଭାଜନ ଚିନ୍ତା ଘାରିଛି। ସେହିପରି ପ୍ରଥମଥର ପାଇଁ ଏଠାରେ ଆମ ଆଦମୀ ପାର୍ଟି (ଆପ୍) ପ୍ରାର୍ଥୀ ଦେଇଥିବାବେଳେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମଧ୍ୟ ନିର୍ବାଚନ ଲଢ଼େଇକୁ ପ୍ରାର୍ଥୀ ଛାଡ଼ିଛି। କିଛି ଅନ୍ତର୍ଦ୍ୱନ୍ଦ୍ୱ ନ ଥିବା କହି ସବୁ ଦଳ ଚିରାଚରିତ ପ୍ରସଙ୍ଗ ରଖି ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ମଧ ଦଳୀୟ ଅସନ୍ତୋଷ ହିଁ ଏଥର ନିର୍ଣ୍ଣାୟକ ଭୂମିକା ନେବ ବୋଲି ସାଧାରଣରେ ଆଲୋଚନା ହେଉଛି ।

### ଜାରି ରହିବ ବିଜୟ ଧାରା



“ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁମୁଖୀ ଯୋଜନା ଯୋଗୁ ବିଜେଡ଼ି ପ୍ରତି ସମସ୍ତେ ଆସ୍ଥା ପ୍ରକଟ କରିଛନ୍ତି। ଏହି କ୍ରମରେ ସବୁ ନିର୍ବାଚନରେ ବିଜେଡ଼ି ନିରଙ୍କୁଶ ବିଜୟ ହାସଲ କରି ଆସୁଛି। ଚଳିତ ପୌର ନିର୍ବାଚନ ଫଳାଫଳ ମଧ୍ୟ ଏଭଳି ହେବ। ଦଳୀୟ ଅସନ୍ତୋଷ କିଛି ନାହିଁ। ବିଜେଡ଼ି ଏକ ପରିବାର ଏବଂ ଏହି ପରିବାର ସହିତ ସମସ୍ତେ ଗୋଟିଏ ଧାରାରେ ଅଛନ୍ତି। ବରଗଡ଼ ପୌର ପରିଷଦରେ ଅନେକ ବିକାଶମୂଳକ କାମ ହୋଇଛି ଏବଂ କିଛି ଅଧୁରା ରହିଛି। ଅଧୁରା କାମକୁ ସମ୍ପୂର୍ଣ୍ଣ କରିବା ସହିତ ଆଗକୁ ଆହୁରି ଉନ୍ନୟନ କାମ କରିବାର ଲକ୍ଷ୍ୟ ରହିଛି। ଏହି ଦୃଷ୍ଟିରୁ ବରଗଡ଼ ପୌରାଞ୍ଚଳବାସୀ ପୁଣି ବିଜେଡ଼ିକୁ କାମ କରିବାର ସୁଯୋଗ ଦେବେ ବୋଲି ଆଶା ରହିଛି ।

**କିଶୋର ମିଶ୍ର, ବିଜେଡ଼ି**
**ଟାଉନ ସଭାପତି, ବରଗଡ଼**

### ଦୁର୍ନୀତିମୁକ୍ତ ପୌର ପରିଷଦ ଲକ୍ଷ୍ୟ



“ଭାଜପାରେ କିଛି ଅନ୍ତର୍ଦ୍ୱନ୍ଦ୍ୱ ନାହିଁ। ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀ ଏକଜୁଟ୍ ଅଛୁ। ସମସ୍ତଙ୍କ ମଧ୍ୟରେ ଉତ୍ସାହ ମଧ୍ୟ ରହିଛି। ଏଥର ଦଳ ଏଠାରେ ନିଶ୍ଚୟ ଭଲ ପ୍ରଦର୍ଶନ କରିବ। ପୌର ପରିଷଦ ଦଖଲ ସହିତ ଅଧିକରୁ ଅଧିକ ଆସନ ହାତେଇବୁ ବୋଲି ଦୃଢ଼ ଆଶା ରହିଛି। ବରଗଡ଼ ସହରରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ଦଳର ପ୍ରମୁଖ ପ୍ରସଙ୍ଗ ରହିଛି। ଏଥିପାଇଁ ସହରର ରୋଗୀମାନଙ୍କୁ ବହୁ ହଟହଟା ହେବାର ସମ୍ମୁଖୀନ ହେବାକୁ ପଡୁଛି। ସହରର ଜଳାଶୟ ଗୁଡ଼ିକ ପୋତି ହୋଇଗଲାଣି। ତଥାପି ତାର ପୁନରୁଦ୍ଧାର କରାଯାଉନାହିଁ। ଏହା ମଧ୍ୟ ଏକ ପ୍ରସଙ୍ଗ ରହିଛି। ଆମେ ଏଥର ଜିତିବୁ ଏବଂ ଦୁର୍ନୀତିମୁକ୍ତ ପୌର ପରିଷଦ ଗଠନ କରିବୁ ବୋଲି ଲକ୍ଷ୍ୟ ରଖିଛୁ।

**ଅକ୍ଷୁର ମଲ୍ଲିକ, ଭାଜପା**
**ଟାଉନ ପ୍ରଭାରୀ, ବରଗଡ଼**

### ଅର୍ଥବଳ କିମ୍ବା ବାହୁବଳ ନାହିଁ



“ଅଧ୍ୟକ୍ଷା ଓ ସମସ୍ତ ୱାର୍ଡ କାଉନସିଲର ପଦବୀ ପାଇଁ ପ୍ରାର୍ଥୀ ଦେଇଛୁ। ଆମର ଅର୍ଥବଳ କିମ୍ବା ବାହୁବଳ ନାହିଁ। ତଥାପି ଅଧ୍ୟକ୍ଷା ପଦବୀ ସାଙ୍ଗକୁ ସବୁ ଆସନ ଦଖଲ କରିବୁ। ଆମ ରଣନୀତି ମଧ୍ୟ ପ୍ରସ୍ତୁତ ହୋଇସାରିଛି। କିଛି ଅସନ୍ତୋଷ, ଅନ୍ତର୍ଦ୍ୱନ୍ଦ୍ୱ ନାହିଁ। ଦଳର ସ୍ୱାର୍ଥ ପାଇଁ ଏକାଠି ଲଢୁଛୁ। ସହରରେ ବହୁବିଧ ସମସ୍ୟା ରହିଛି। ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର, ଜବରଦଖଲ, ନବନିର୍ମିତ ଘରୋଇ ବସ୍‌ଷ୍ଟାଣ୍ଡ ଖାଲି ପଡ଼ିବା, ଉଠା ଦୋକାନୀଙ୍କ ସମେତ କ୍ଷୁଦ୍ର, ମଧ୍ୟବିତ୍ତ ବ୍ୟବସାୟୀଙ୍କ ଦୁର୍ଦ୍ଦଶା, ପାନୀୟଜଳ, ଡ୍ରେନେଜ ବ୍ୟବସ୍ଥା, ଟ୍ରାଫିକ୍ ସମସ୍ୟା ଆଦିକୁ ପ୍ରସଙ୍ଗ ରଖି ଭୋଟରଙ୍କ ପାଖକୁ ପହଞ୍ଚୁଛୁ। ଆମେ ଲଢେଇ କରୁଛୁ ଏବଂ ଜିତିବା ପାଇଁ ମଧ୍ୟ ଆଶା ରଖିଛୁ।

**ସୁଧୀର ରଞ୍ଜନ ଜେନା, କଂଗ୍ରେସ**
**ଟାଉନ ସଭାପତି, ବରଗଡ଼**



ପଦୁଆରରେ ଯାଉଛନ୍ତି ବିଧାୟକଙ୍କ ସହିତ କର୍ମୀମାନେ।

## ବିଜେଡିରେ ମିଶିଲେ ଶତାଧିକ ଭାଜପା, କଂଗ୍ରେସ କର୍ମୀ

ନୂଆପଡ଼ା ଅଫିସ୍,୧୧।୩

ନୂଆପଡା ଜିଲା ଖରିଆର ରୋଡ ଗଣପତି ପ୍ଲେସ ପରିସରରେ ଶୁକ୍ରବାର ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପାର ତୁଙ୍ଗ ନେତାମାନେ ବିଜେଡିରେ ଯୋଗଦେଇଛନ୍ତି। ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଧୋନୀରାମ ସାହୁ ଓ ଭାଜପା ଜିଲା ଉପସଭାପତି ଦିଲୀପ ନିର୍ମଳକର ରହିଛନ୍ତି। ତାରେଶ୍ୱରୀ ପୂର୍ବରୁ ଭାଜପା ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଥିଲେ। ବର୍ତ୍ତମାନ କେନ୍ଦୁବାହାରା ପଞ୍ଚାୟତରେ ସମିତି ସଭ୍ୟା ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ୩ ନେତାଙ୍କ ସମେତ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ମଧ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଜିଲା ସଭାପତି ମନୋଜ କୁମାର ମିଶ୍ର, ଭାନୁପ୍ରତାପ ସିଂମାଝି, ଅବନୀ ରଞ୍ଜନ ଜୋଷୀ, ଉମା ଠାକୁର, ଦୀପିକା କୌଶଲ୍ୟା, ନିଶାନ୍ତ ଡାଗା, ରାଜେଶ ନିଗମ, ଜୟା ଢୋଲକିଆ, କାର୍ତ୍ତିକ ଦୀପଙ୍କ ସମେତ ଶତାଧିକ ବିଜେଡି କର୍ମୀ ଗଣପତି ପ୍ଲେସଠାରୁ ଏକ ବିଶାଳ ପଦୁଆରା ବାହାରି ନଗର ପରିକ୍ରମା କରି ବିଧାୟକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ।

## ବେକରେ ଗାମୁଛା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ନୂଆପଡ଼ା ଅଫିସ୍,୧୧।୩

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ଗାଁରେ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ରାମ ମାଝି (୨୯)। ସେ ଗୁରୁବାର ସନ୍ଧ୍ୟାରେ ଘରୁ ବାହରି ଆଉ ଫେରି ନ ଥିଲେ। ରାତି ହେବାରୁ ପରିବାର ଲୋକେ ଖୋଜାଖୋଜି କରିବା ସହିତ ପଡୋଶୀ ଘର ଲୋକମାନଙ୍କୁ ମଧ୍ୟ ପଚାରି ବୁଝିଥିଲେ। ହେଲେ କୌଣସି ଖୋଜଖବର ମିଳି ନ ଥିଲା। ଶୁକ୍ରବାର ଗାଁ ଲୋକେ ଝାଙ୍କରିବାହାଲି ଜମି ପଟେ ସ୍ନାନ ପାଇଁ ଯିବା ବେଳେ ଏକ ଗଛରେ ବେକରେ ଗାମୁଛା ବାନ୍ଧି ଯୁବକଙ୍କ ଝୁଲୁଥିବା ଦେଖି ପରିବାର ଓ ଗାଁ ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତରବୋଡ ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୦୩/୨୨) ରୁଜୁ ହୋଇଛି। କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ଚାଲିଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ତରବୋଡ ଫାଣ୍ଡି ଅଧିକାରୀ ସହଦେବ ଯୋଶୀ ସୂଚନା ଦେଇଛନ୍ତି।

## ବୀରମହାରାଜପୁର ହରିହର ଭେଟ ପାଇଁ ପ୍ରସ୍ତୁତି ବୈଠକ

■ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱ
■ମେଲଣ ଦର୍ଶନ ପାଇଁ ମହିଳାଙ୍କୁ ସ୍ୱତନ୍ତ୍ର ବ୍ୟବସ୍ଥା

ଅମରପାଲି,୧୧।୩ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଐତିହାସିକ ହରିହର ଭେଟ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପଜିଲାପାଳ ତଥା ଦେବୋତ୍ତର ବିଭାଗର ମୁଖ୍ୟ ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୫ଟି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା । ଚଳିତବର୍ଷ ପ୍ରଥମ କରି ମହିଳାମାନଙ୍କ ପାଇଁ ମେଲଣ ଦର୍ଶନ ପାଇଁ ପଡିଆରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାର ନିଷ୍ପତ୍ତି ହୋଇଛି। ସେଥିପାଇଁ ସ୍ୱତନ୍ତ୍ର ମହିଳା ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଛି। ମେଲଣ ପଡ଼ିଆ ସଫାସୁତୁରା ପାଇଁ ଚାରୋଟି ପଞ୍ଚାୟତ ଯଥା ହିଲୁଙ୍ଗ, ଉଫୁଲା, ଚମ୍ପାମାଳ ଓ ବାଗବର ପଞ୍ଚାୟତକୁ ଦାୟିତ୍ୱ ଦିଆଯିବ। ବୀରମହାରାଜପୁର ସହରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯିବାର ବ୍ୟବସ୍ଥା କରାଯାଇଛି। ସମସ୍ତ ଯାତ୍ରା କମିଟିଙ୍କ ମତାମତ ନେଇ ଏକ ପରିଚାଳନା କମିଟି ଗଠନ କରାଯାଇଛି। ସାତୋଟି ଯାତ୍ରା କମିଟିରୁ ସାତ ଜଣ ସ୍ୱେଚ୍ଛାସେବୀଙ୍କ ନାମ ୧୬ ତାରିଖ ସୁଦ୍ଧା ଦେବା ପାଇଁ କୁହାଯାଇଛି। ମେଲଣପଡିଆ ଭିତରେ କେବଳ ସବୁଜ ଫୁଲଝରି ବ୍ୟତୀତ କୌଣସି ବାଣ ଫୁଟାଇ ପାରିବେ ନାହିଁ ବୋଲି ପ୍ରସ୍ତାବ ଗହଣ କରାଯାଇଛି। ୧୮ ତାରିଖ ବ୍ରହ୍ମ ମୂହୁର୍ତ୍ତରେ ସମସ୍ତ ହରି ଓ ହରମାନଙ୍କ ଭେଟ କଲା ପରେ ଦୋଳମଣ୍ଡପରେ ସମସ୍ତ ନୀତିକାନ୍ତି ସମାପନ କରାଯିବ। ପରେ ଦେବ ବିମାନଗୁଡ଼ିକ ସେମାନଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ।

ଏହି ହରିହର ଭେଟ ପାଇଁ ସ୍ୱତନ୍ତ୍ର ବିମାନରେ ଚମ୍ପାମାଳ ଚମ୍ପେଶ୍ୱର ମହାଦେବ, ଟିଁପିଲି ରାମେଶ୍ୱର, କମଳପୁର ଗୁପ୍ତେଶ୍ୱର ମହାଦେବ ଓ ବାଗବର, କୁମୁରସିଙ୍ଗା,ଷଣ୍ଢୋ ଓ ବୀରମହାରାଜପୁର ଜଗନ୍ନାଥ ମନ୍ଦିରରୁ ବିଷ୍ଣୁ ପ୍ରତିମା(ହରି)ମାନେ ଆସି ମେଳନ ପଡିଆରେ ଭେଟ ହେବେ। ଏଥିପାଇଁ ସମସ୍ତ ଗ୍ରାମର ଯାତ୍ରା କମିଟି ତରଫରୁ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ବୈଠକରେ ଉପଖଣ୍ଡ ପୋଲିସ ଅଧିକାରୀ ଡୋଳାମଣି ଭୋଇ, ତହସିଲଦାର ବିବୁଧ ଗଡନାୟକ, ରାଜସ୍ୱ ଅଧିକାରୀ ଆନନ୍ଦ ଚନ୍ଦ୍ର ପଣ୍ଡା, ଯୁବ ପ୍ରଶାସନିକ ଅଧିକାରୀ ଅମରେନ୍ଦ୍ର ସ୍ୱାଇଁ, ଅଜିତ କୁମାର ମିର୍ଦ୍ଧା, ବୀରମହାରାଜପୁର ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକ ପରିଚାଳନା କରିଥିଲେ ଯୁଗଳ କିଶୋର ମିଶ୍ର । ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ନାମଯଜ୍ଞ କମିଟିର ସଭାପତି ବିଷ୍ଣୁ ଚରଣ ପଣ୍ଡା, ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଭୂଷଣ କୁମାର ପାତ୍ର, ସମସ୍ତ ଯାତ୍ରା କମିଟିର ସଭାପତି, ସମସ୍ତ ମନ୍ଦିର ସେବାୟତ ପ୍ରତିନିଧି ପ୍ରମୁଖ ଯୋଗଦେଇ ହରିହର ଭେଟ ନେଇ ନିଜର ମତାମତ ଦେଇଥିଲେ।

## ଟ୍ରକ୍‌କୁ ପଛପଟୁ ଧକ୍କାଦେଲା ବାଇକ୍, ଆରୋହୀ ମୃତ

କୋକସରା,୧୧।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ୨୬ ନଂ. ଜାତୀୟ ଜାତୀୟ ରାଜପଥ ଡୋଙ୍ଗରିଗୁଡା ଫୁଟବଲ ପଡ଼ିଆ ନିକଟ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରକ୍‌କୁ ପଛପଟୁ ଧକ୍କା ଦେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିକିଳି ଗ୍ରାମର ଧର୍ମାନନ୍ଦ ନାଏକ (୪୮)। ଗୁରୁବାରଠାରୁ ଏକ ଟ୍ରକ୍ (ନଂ.ଓଡି୦୭ଏଜେ-



୨୫୮୫)ର ଚକା ଫାଟିବାରୁ ରାସ୍ତା କଡ଼ରେ ଅଟକ ରହିଥିଲା। ଶୁକ୍ରବାର ମଧ୍ୟାହ୍ନରେ କୁସୁମଖୁଣ୍ଟି ଗ୍ରାମରେ ପରିବାର ସହ ରହୁଥିବା ଚିକିଳି ଗ୍ରାମର ଧର୍ମାନନ୍ଦ କୌଣସି କାମରେ କୋକସରା ଆସି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ରାସ୍ତା କଡ଼ରେ ଅଟକି ଥିବା ଟ୍ରକ୍‌କୁ ପଛପଟୁ ଧକ୍କା ଦେଇ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କୋକସରା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୋଟେର ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିବା ଫାଣ୍ଡି ଅଧିକାରୀ ଅଜୟ ନାଏକ ସୂଚନା ଦେଇଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ବେସାହାରା ହୋଇପଡ଼ିଥିବା ବେଳେ ମୃତକଙ୍କ ସ୍ତ୍ରୀ ଓ ଏକମାତ୍ର ଝିଅ ରହିଛନ୍ତି।

## ଅଜଣା ରୋଗରେ ଆକ୍ରାନ୍ତ ୪ ବର୍ଷର ଝିଅ

ଖଡିଆଳ,୧୧।୩(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ବିରିଘାଟ ପଞ୍ଚାୟତ ଅଧୀନ ଗଦାପଦର ଗାଁର ୪ ବର୍ଷର ଝିଅ ସୁବାସିନୀ ମାଝି। ୪ ମାସ ହେଲା ସେ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ପେଟ ଦିନକୁ ଦିନ ଅସ୍ୱାଭାବିକ ଭାବେ ବଢ଼ିବାରେ ଲାଗିଛି। ଏହାର ପ୍ରଭାବରେ ହାତଗୋଡ, ଆଖି ମଧ ଫୁଲିବାରେ ଲାଗିଛି। ଫଳରେ ସେ ଖେଳକୁଦ କରିବା ବୟସରେ ଖଟରେ ଶୋଇ ରହୁଥିବା ମା'ବାପା କହିଛନ୍ତି। ଯାହାକୁ ନେଇ ଚିନ୍ତାରେ ପରିବାର। ସୂଚନା ଯେ, ବିରିଘାଟ ପଞ୍ଚାୟତ ଅଧୀନ ଗଦାପଦର ଗାଁରେ ରହୁଛନ୍ତି ନିରଞ୍ଜନ ମାଝିଙ୍କ ପରିବାର। ୨ ଝିଅ ମମତା (୭), ସୁବାସିନୀ ଏବଂ ସ୍ତ୍ରୀ ଉର୍ମିଳାଙ୍କୁ ନେଇ ତାଙ୍କ ସଂସାର। ସ୍ୱାମୀସ୍ତ୍ରୀ କୁଲିମଜୁରୀ କାମ କରୁଥିବା ବେଳେ ବର୍ଷକୁ ୬ ମାସ ଗାଁରେ ଏବଂ ବାକି ୬ ମାସ ବାହାର ରାଜ୍ୟରେ ଦାଦନ ଖଟି କଷ୍ଟରେ ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ଏସବୁ ମଧ୍ୟରେ ଗରିବ ନିରଞ୍ଜନ ଝିଅର ଉପଯୁକ୍ତ ଚିକିତ୍ସା କରିବାକୁ ଅର୍ଥ ବାଧକ ସାଜିଛି। ଏପରି କି ତାଙ୍କୁ କେହି ଗୁଣିଗାରେଡି କରିଥିବା ସନ୍ଦେହ କରି



ମା'ବାପାଙ୍କ ସହ ସୁବାସିନୀ।

### ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ବୈଦ୍ୟଙ୍କ ନିକଟରେ ଝଡାଫୁଙ୍କା କରି ହାତବାନ୍ଧି ବସିଛନ୍ତି। ନିରଞ୍ଜନ ଗତ ୩ ମାସ ତଳେ ଆନ୍ଧ୍ରପ୍ରଦେଶକୁ ଇଟା ଗଢ଼ିବା ପାଇଁ ଯାଇଥିଲେ। ଝିଅର ଏହିପରି ଅବସ୍ଥା ଶୁଣି ଗତ ଦୁଇ ଦିନ ହେଲା ଘରକୁ ଫେରିଛନ୍ତି। ଗୋଟିଏପଟେ ପରିବାର ପ୍ରତିପୋଷଣ ଚିନ୍ତା, ଅନ୍ୟପଟେ ଝିଅର ଚିକିତ୍ସା ପାଇଁ ସେ ଭାଙ୍ଗି ପଡିଛନ୍ତି। ହାତରେ ଟଙ୍କାଟିଏ ନାହିଁ ବୋଲି ଚିକିତ୍ସା କରିପାରୁ ନ ଥିବା କହିଛନ୍ତି। ସୁବାସିନୀଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ସରକାର ତଥା ଜିଲା ପ୍ରଶାସନ ନିକଟରେ ସେ ଗୁହାରି କରିଛନ୍ତି। ଏହି ଦୁଃଖ ଘଟଣା ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଚୌଧୁରୀ ଶୋଭାରାଣୀ ମିଶ୍ରଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଧରିତ୍ରୀ ପକ୍ଷରୁ ଅବଗତ ହେବା ପରେ ତୁରନ୍ତ ଖଡିଆଳ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଗଦାପଦର ଗାଁକୁ ପଠାଇ ସୁବାସିନୀଙ୍କ ଉପଯୁକ୍ତ ଚିକିତ୍ସା କରାଯିବ ବୋଲି କହିଛନ୍ତି।

## କଣ୍ଟାବାଞ୍ଜି ଏଡିଜେଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

**ଯୌତୁକ ନିର୍ଯାତନା ମାମଲା**

■୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

କଣ୍ଟାବାଞ୍ଜି,୧୧।୩(ଡି.ଏନ.ଏ.)

ଶୁକ୍ରବାର ଏକ ଯୌତୁକ ନିର୍ଯାତନା ମାମଲାର ବିଚାର କରି କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ୩୭ ହଜାର ଟଙ୍କା ଜରିମାନା ଅନାଦେୟ ଉଭୟଙ୍କୁ ଅତିରିକ୍ତ ୯ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଦୁଇ ଅଭିଯୁକ୍ତ ସମ୍ପର୍କରେ କକା ଓ ପୁତୁରା ବୋଲି ଜଣାଯାଇଛି। ପ୍ରକାଶ ଯେ, ବଲାଙ୍ଗୀର ଜିଲା ତୁରେକେଲା ଥାନା ମହଖଣ୍ଡ ପଞ୍ଚାୟତର ଭରୁଆକାନି ଗାଁରେ ଗତ ୮।୫।୨୦୧୮ରେ ଦିବ୍ୟକାନ୍ତି ବେହେରାଙ୍କୁ ତାଙ୍କ ସ୍ୱାମୀ ନୃପତି ବେହେରା (୩୬) ଓ କକା ରାଜାରାମ ବେହେରା (୫୮) ଯୌତୁକ ନିର୍ଯାତନା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତୁରେକେଲା ଥାନାରେ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାର ଚାଲିଥିଲା। ଶୁକ୍ରବାର କଣ୍ଟାବାଞ୍ଜି ଏଡିଜେ ହିମାଂଶୁ ଶେଖର ମଲ୍ଲିକ ଏହି ମାମଲାର ବିଚାର କରି ଅଭିଯୁକ୍ତ ନୃପତି ଓ ରାଜାରାମଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହି ଶୁଣାଣି ପରେ ଅଭିଯୁକ୍ତ ଦ୍ୱୟଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲକୁ ପଠାଯାଇଛି।

## ଲୋଇସିଂହା ବ୍ଲକ: ନାଏବ ସରପଞ୍ଚ ନିର୍ବାଚିତ

ଲୋଇସିଂହା,୧୧।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୨୦ଟି ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଅପରପକ୍ଷେ ନାଏକ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ବ୍ଲକରୁ ମିଳିଥିବା ତଥ୍ୟ ମୁତାବକ, ଉପରବାହାଲ ପଞ୍ଚାୟତର ସାନଝାଙ୍କରପାଲି ଗାଁର ତ୍ରିନାଥ ବିଶ୍ୱାଳ ନାଏକ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି କନ୍ଦାଜୁରୀ ପଞ୍ଚାୟତର ସଦର ଗାଁର ପ୍ରଦୀପ ଖମାରି, କୁଟେନପାଲି ପଞ୍ଚାୟତ ସଦର ଗାଁର ଗହଳ ପଧାନ, କୁଶଙ୍ଗ ପଞ୍ଚାୟତର ସଦର ଗାଁର ଗଣେଶ୍ୱର ଦେହୁରୀ, କୁଶମେଲ ପଞ୍ଚାୟତ ଜାମୁଟିଆ ଗାଁର ବନିତା ଚନ୍ଦନ, ଗଡଶଙ୍କରଡୁଙ୍ଗପାଲି ପଞ୍ଚାୟତର ସଦର ଗାଁର ଲିଜି ପଧାନ, ଝାରମୁଣ୍ଡା ପଞ୍ଚାୟତର ସଦର ଗାଁର ହରିବୋଲ ମେହେର ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ତଲିଉଡାର ପଞ୍ଚାୟତ ଉପରଉଡାର ଗାଁର ସୋମନାଥ ପଟେଲ, ବାଦିମୁଣ୍ଡା ପଞ୍ଚାୟତ ସଦର ଗାଁର ପୁଷ୍ପାଳି ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି । ବୁର୍ଡା ପଞ୍ଚାୟତ ସଦର ଗାଁର ତିଲୋତମା ବାଗ, ବୁଢ଼ୀପଦର ପଞ୍ଚାୟତ ନେଗିପାଲି ଗାଁର ଦମୟନ୍ତୀ କଉଁର, ମାଗୁରବେଡ଼ା ପଞ୍ଚାୟତ ସଦର ଗାଁର ତୁଳା କୁଅଁର, ଯୋଗୀସର୍ଡା ପଞ୍ଚାୟତର କେଉଁଟପାଲି ଗାଁର ଉପେନ୍ଦ୍ର କୁମ୍ଭାର, ରତାଖଣ୍ଡି ପଞ୍ଚାୟତ ଫଲସାମାଲ ଗାଁର ଯଶୋବନ୍ତୀ ବାଗ, ରେଙ୍ଗାଲି ପଞ୍ଚାୟତ ସଦର ଗାଁର ଦିନମିତ୍ର ବାଗ, ସରଗାଡ ପଞ୍ଚାୟତ ସଦର ଗାଁର ନକୁ ମହାରଣା, ହୀରାପୁର ପଞ୍ଚାୟତ ସଦର ଗାଁର ମିଥିଳା ବେହେରା ଓ ଲୋଇସିଂହା ପଞ୍ଚାୟତ ଲୋଇସିଂହାର ପୂର୍ଣ୍ଣମା ପଧାନ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ଜିପିଓ କିଶୋର ମାନସିଂଙ୍କ ସୂତ୍ରରୁ ପ୍ରକାଶ ।

## ୟୁକ୍ରେନ ଫେରନ୍ତା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜାମଟିକ୍ରା, ୧୧।୩(ଡି.ଏନ.ଏ)

ଋଷ୍ ଓ ୟୁକ୍ରେନ ଯୁଦ୍ଧ ଯୋଗୁ ୟୁକ୍ରେନରେ ଫସି ରହିଥିବା ଅତାବିରା ବ୍ଲକ ଅଧୀନ ରେଙ୍ଗାଲି କ୍ୟାମ୍ପର ଡାକ୍ତରୀ ଛାତ୍ରୀ ମାଣ୍ଡା ଜ୍ୟୋତିଶ୍ୱରୀ ଗତ ୯ତାରିଖରେ ଘରକୁ ଫେରିଛନ୍ତି। ଏହାପରେ ତାଙ୍କୁ ଅତାବିରାର ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତାବିରା ଓକିଲ ସଂଘ ସଭାପତି ଉନ୍ନିକ୍ରିଷ୍ଣା ନାୟାର, ବିରୁ ବାଙ୍କା, ଅବସରପ୍ରାପ୍ତ ସୈନିକ କାଶୀ ବେହେରା ଓ ଦେବଦତ୍ତ ସାହୁ, କୃଷକ ସଙ୍ଗଠନ ସଭାପତି ବିରେନ୍ଦ୍ର କର, ଆମ ସହର ଆମ ଦାୟିତ୍ୱ ସଙ୍ଗଠନର ଶେଷ ସାହୁ, ରାଇସ୍ ମିଲ୍ ସଂଘର ଲଳିତ ଚୌଧୁରୀ, ଜନକଲ୍ୟାଣ କୁଲତା ସମାଜର ସୁରେନ୍ଦ୍ର ସ୍ୱାଇଁ, ବରିଷ୍ଠ ନାଗରିକ ସଂଘ ସଭାପତି ବେଣୁଧର ମିଶ୍ର ପ୍ରମୁଖ ଜ୍ୟୋତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୨ ମାର୍ଚ୍ଚ, ୨୦୨୨



**ନିର୍ବାଚନ ଅଧିକାରୀଙ୍କୁ ତାଲିମ ପ୍ରଦାନ**

ବରପାଲି,(ଡି.ଏନ.ଏ): ବରଗଡ଼ ଜିଲା ବରପାଲି ଏନଏସି ନିର୍ବାଚନ ପାଇଁ ଶୁକ୍ରବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ବରପାଲି କଲେଜରେ ହୋଇଥିବା ଏହି ଶିବିରରେ ଆସନ୍ତା ୨୪ତାରିଖରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ନିଯୁକ୍ତ ପ୍ରିଜାଇଡ଼ିଂ ଅଫିସର ଏବଂ ପୋଲିଂ ଅଫିସରଙ୍କୁ ତାଲିମ ଦିଆଯାଇଥିଲା। ବରପାଲିର ନିର୍ବାଚନ ଅଧିକାରୀ ଅକ୍ଷୟ କୁମାର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ନିର୍ବାଚନ ପର୍ଯ୍ୟବେକ୍ଷକ ଦେବେନ କୁମାର ପ୍ରଧାନ, ବରଗଡ଼ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ବିଡ଼ିଓ ତ୍ରିବିକ୍ରମ କୁମୁରା, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର ପ୍ରମୁଖ ଯୋଗଦାନ କରିଥିଲେ। ଶିବିରରେ ୪୧ଜଣ ପ୍ରିଜାଇଡ଼ିଂ ଓ ପୋଲିଂ ଅଫିସରଙ୍କୁ ତାଲିମ ଦିଆଯାଇଥିଲା।

## ସଂକ୍ଷେପରେ

### ଦନ୍ତା କବଳରୁ ବର୍ତ୍ତିଲେ ବାପା, ୧୨ ବର୍ଷର ପୁଅ

**ନୂଆପଡ଼ା ଅଫିସ,୧୧।୩:** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା, ଡଙ୍ଗରପଡା ଓ ସିହିନାମୁଣ୍ଡା ମଧ୍ୟଭାଗ ଭାଲୁଡୋଙ୍ଗରୀ ଜଙ୍ଗଲ ଭିତରେ ଏକ ଦନ୍ତା କବଳରୁ ବାପାପୁଅ ଅକ୍ଳେଶ ବର୍ତ୍ତି ଯାଇଛନ୍ତି। ସୋରିପଡା ଗାଁର ପ୍ରେମ ମାଝି (୪୫) ଓ ତାଙ୍କ ପୁଅ ଅର୍ଜୁନ (୧୨) ଧାନ ଚାଷ ଜଗିବା ପାଇଁଥିଲେ। ସେଠାରେ ରୋଷେଇ କରିବା ପାଇଁ ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ ହଠାତ ହାତୀ ହାବୁଡରେ ପଡି ଯାଇଥିଲେ। ଭୟରେ ଦୌଡି ପଳାଇବା ବେଳେ ହାତୀ ବାପପୁଅଙ୍କୁ ଘଉଡାଇଥିଲା। ହାତୀ ଆକ୍ରମଣ କରି ନ ଥିଲେ ମଧ୍ୟ ସେମାନେ ପଡି ଖଣ୍ଡିଆଖାବରା ହୋଇଛନ୍ତି। ଭାଲୁଡୋଙ୍ଗରୀ ଜଙ୍ଗଲ ଦେଇ ଏକ ରାସ୍ତା କାଣ୍ଡେତରା, ଲାଠୋର ହୋଇ ବଲାଙ୍ଗୀରକୁ ସଂଯୋଗ କରିଛି। ଅଧିକାଂଶ ଲୋକେ ସେହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଦନ୍ତା ଏହି ଜଙ୍ଗଲ ରାସ୍ତା କଡରେ ରହି ରାସ୍ତାଯିବା ଲୋକଙ୍କୁ ଘଉଡାଥିବାରୁ ଲୋକେ ଭୟଭୀତ ହୋଇପଡିଛନ୍ତି। ଲୋକଙ୍କୁ ଦେଖି ହାତୀ ଘଉଡାଥିବାରୁ ସେହି ରାସ୍ତାଦେଇ ନ ଯିବା ପାଇଁ ଲୋକଙ୍କୁ ମନା କରାଯାଉଛି। ବନ ବିଭାଗ ପକ୍ଷରୁ ଫରେଷ୍ଟର କ୍ଷମାନିଧି ଶବର, ଫରେଷ୍ଟ ଗାର୍ଡ ବିଜୁଳ ରାଉତ ରାୟ, ଡିଙ୍ଗର ଭୋଇ ଓ ହାତୀ ଘଉଡାଇବା ଦଳର ଅରୁଣ ଜଗତ, ବୈକୁଣ୍ଠ ଆଡବଙ୍ଗ, ପ୍ରେମସିଂ ରାଉତ ଭାଲୁଡୋଙ୍ଗରି ଜଙ୍ଗଲ ଅଞ୍ଚଳକୁ ନ ଯିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରିବା ସହିତ ହାତୀର ଗତିବିଧି ଉପରେ ଲକ୍ଷ୍ୟ ରଖିଛନ୍ତି।

### ସଡ଼କ ଦୁର୍ଘଟଣା ନେଲା ଜୀବନ

**ଅତାବିରା,୧୧।୩(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଛକରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ଏକ କଣ୍ଟେନର (ନଂ.ଜେଏଚ୍‌୨ଏନ/୨୨୬୫) ଧକ୍କା ଦେବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅତାବିରା ଥାନା ବୁଗବୁଗା ଗ୍ରାମର ମୂଳବାସିନ୍ଦା ତଥା ବର୍ତ୍ତମାନ ଲରମ୍ବାରେ ରହୁଥିବା ଦିନେଶ ମହାକୁର। ଦିନେଶ ଏକ ବାଇକ୍ (ନଂ.ଓଆର୧୫ଏଲ/୦୬୮୪) ଯୋଗେ ଲରମ୍ବାରୁ ଅତାବିରାକୁ ଏକ ବିବାହୋତ୍ସବରେ ଯୋଗଦେବାକୁ ଯାଉଥିଲେ। ଗୋଡଭଗା ଛକରେ କଣ୍ଟେନର ତାଙ୍କ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ଏ ନେଇ ଏକ ମାମଲା (ନଂ.୯୩/୨୨) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

### କେନାଲରୁ ମୃତଦେହ ଜବତ

**ଅତାବିରା,୧୧।୩(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ପୋଲିସ ଟୋପ ନିକଟ କେନାଲରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ହିର୍ଲିପାଲିର ମୀନକେତନ ବନଛୋର। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩/୨୨) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଅନିଲ ପ୍ରଧାନ କହିଛନ୍ତି।

### ନାମାଙ୍କନ ପତ୍ର ପ୍ରତ୍ୟାହାର କଲେ ୧ ନଂ. ୱାର୍ଡ ପ୍ରାର୍ଥିନୀ

**ନିର୍ବାଚନ ପୂର୍ବରୁ ଭାଜପାକୁ ଝଟକା**

**ବଲାଙ୍ଗୀର ଅଫିସ, ୧୧।୩:** ପୌର ନିର୍ବାଚନ ପୂର୍ବରୁ ଭାଜପାକୁ ଝଟ୍‌କା ଲାଗିଛି। ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନମ୍ବର ୧ର ଭାଜପା ପ୍ରାର୍ଥିନୀ ସନ୍ତୋଷିନୀ ସେଠ୍ ଶୁକ୍ରବାର ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଥିବା ଜଣାପଡିଛି। କେଉଁ କାରଣରୁ ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ତାହା ଜଣାପଡିନାହିଁ। ଏନେଇ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନନ୍ତ ଦାଶଙ୍କୁ ପଚରାଯିବାରୁ ଏନେଇ କ'ଣ ହୋଇଛି ସେ ପଚାରି ବୁଝି କହିବେ ବୋଲି କହିଛନ୍ତି। ୧ ନମ୍ବର ୱାର୍ଡରେ ଭାଜପା, କଂଗ୍ରେସ ଏବଂ ବିଜେଡି ତିନି ପ୍ରମୁଖ ଦଳର ତିନିଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ନାମାଙ୍କନପତ୍ର ଭରିଥିଲେ। ତେବେ ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖକୁ ଆଉ ଦୁଇଦିନ ବାକି ରହିଥିବା ବେଳେ ହଠାତ୍ ଜାତୀୟ ଦଳ ଭାଜପା ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ୱାର୍ଡରେ ଭାଜପା ପ୍ରାର୍ଥୀ ପ୍ରତ୍ୟାହାର କରିବା ପରେ ଶାସକ ବିଜେଡି ଏବଂ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ସ୍ପଷ୍ଟ ହୋଇଯାଇଛି।

# ୟୁକ୍ରେନ୍‌ରୁ ଫେରିଲେ ପ୍ରିୟବ୍ରତ

**ସୋନପୁର,୧୧।୩(ନି.ପ୍ର.)**

ସୁବର୍ଣ୍ଣପୁର ସହର ଗୋକର୍ଣ୍ଣେଶ୍ୱରପଡାର ଡାକ୍ତରୀ ଛାତ୍ର ପ୍ରିୟବ୍ରତ ସାହୁ ଶୁକ୍ରବାର ନିଜ ଘରକୁ ଫେରିଛନ୍ତି। ଫଳରେ ପ୍ରିୟବ୍ରତଙ୍କ ମା, ବାପା ଓ ପରିବାରବର୍ଗଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପ୍ରିୟବ୍ରତ ୟୁକ୍ରେନ୍‌ର ଖାରକିଭ୍ ନ୍ୟାଶନାଲ ମେଡିକାଲ ୟୁନିଭରସିଟିର ଦ୍ୱିତୀୟ ବର୍ଷର ଛାତ୍ର। ପ୍ରିୟବ୍ରତ ନିଜର ଅନୁଭୂତି ସମ୍ପର୍କରେ କହିଛନ୍ତି ଯେ, ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯୋଗୁ ଭାରତୀୟ ଛାତ୍ରୀଛାତ୍ରମାନେ ଭୟଭୀତ ହୋଇ ପଡିଥିଲେ। ୧୫ ଦିନ ଧରି ଭୟଭୀତ ଅବସ୍ଥାରେ ଖାରକିଭ୍ ସହରରେ ରହି ଯାଇଥିଲେ। ତାଙ୍କୁ ମେଟ୍ରୋ ରେଲୱେ ଷ୍ଟେଶନରେ ରାତିରେ ରହିବାକୁ ପଡିଥିଲା। ଭାରତୀୟ ଦୂତାବାସଙ୍କ ନିର୍ଦ୍ଦେଶକ୍ରମେ ୫୦୦ରୁ ଉର୍ଦ୍ଧ୍ୱ ଭାରତୀୟ ଛାତ୍ର ଗତ ୨ ତାରିଖରେ ଧାଡି ହୋଇ ୨୦ କିଲୋମିଟର ଦୂର ୟୁକ୍ରେନ୍‌ର ପୋଷାଚୀନ ସହରକୁ ଆସିଥିଲେ। ଛାତ୍ରୀଛାତ୍ରମାନେ ଧାଡିରେ ଆସୁଥିବା ସମୟରେ ନିକଟରେ ମିଶାଇଲ୍ ମାଡ ହୋଇଥିଲା। ସମସ୍ତେ ଭୟଭୀତ ହୋଇ ପଡିଥିଲେ। ୩ ଦିନ ଧରି ସେମାନଙ୍କୁ ପୋଷାଚୀନରେ ଭୋକ ଉପାସରେ ରହିବାକୁ ପଡିଲା। ୭ ତାରିଖରେ ପୁଣି କାରରେ ରୋମାନିଆ ସୀମାବର୍ତ୍ତୀ ଅଞ୍ଚଳକୁ ଆସିଥିଲେ। ସେଠାରେ ଭାରତ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଖାଇବା ପିଇବା ବ୍ୟବସ୍ଥା ହୋଇଥିଲା । ୮ ତାରିଖ ରାତିରେ ଭାରତ ସରକାରଙ୍କ ଅପରେଶନ ଗଙ୍ଗା ପକ୍ଷରୁ ସେମାନଙ୍କୁ ଏକ ସ୍ୱତନ୍ତ୍ର ବିମାନରେ ନୂଆଦିଲ୍ଲୀକୁ ଅଣା ଯାଇଥିଲା। ନୂଆଦିଲ୍ଲୀରେ ଓଡିଶା ସରକାରଙ୍କ ପକ୍ଷରୁ ଓଡିଶା ଭବନରେ ଛାତ୍ରୀଛାତ୍ରଙ୍କୁ ରଖା ଯାଇଥିଲା। ୯ ତାରିଖ ସନ୍ଧ୍ୟାରେ ସେ ଭୁବନେଶ୍ୱର ପହଞ୍ଚିଥିଲେ। ପ୍ରିୟବ୍ରତ ହେଉଛନ୍ତି ପ୍ରଣତି ଓ ପ୍ରସନ୍ନ କୁମାର ସାହୁଙ୍କ ପୁତ୍ର। ସେ ଓ ଅନ୍ୟ ଓଡିଆ ଛାତ୍ରୀଛାତ୍ରମାନେ ସୁରକ୍ଷିତ ଭାବେ ଘରକୁ ଫେରି ଥିବାରୁ ପ୍ରିୟବ୍ରତ ସହାୟତା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।



ମା' ଓ ବାପାଙ୍କ ସହ ଛାତ୍ର ପ୍ରିୟବ୍ରତ ସାହୁ।

**୨୦ କିଲୋମିଟର ଚାଲିଲେ, ୩ ଦିନ ଭୋକ ଉପାସରେ ରହିଲେ**

## ରାମକୃଷ୍ଣ ବାଳାଶ୍ରମର ଅନ୍ତେବାସୀଙ୍କ ଅସୁବିଧା ପଚାରି ବୁଝିଲେ ଅତିରିକ୍ତ ଜିଲାପାଳ



ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଅନୁଷ୍ଠାନର ଛାତ୍ରୀଙ୍କ ଗହଣରେ।

**ବୌଦ୍ଧ,୧୧।୩ (ସ୍ୱ.ପ୍ର.)**

ବୌଦ୍ଧ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଶୁକ୍ରବାର ହରଭଙ୍ଗା ବ୍ଲକର ବୀରନରସିଂହପୁର ଠାରେ ଥିବା ରାମକୃଷ୍ଣ ବାଳାଶ୍ରମକୁ ପରିଦର୍ଶନ ଯିବା ସହ ଅନ୍ତେବାସୀଙ୍କ ଅସୁବିଧା ପଚାରି ବୁଝିଥିଲେ। ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ ଦଳବେହେରା ଅନୁଷ୍ଠାନର ଥିବା ଅସୁବିଧା ନେଇ କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ବାଳାଶ୍ରମର କମ୍ପ୍ୟୁଟର ତାଲିମ କେନ୍ଦ୍ର ଓ ଓଭରହେଡ ଟାଙ୍କି ସ୍ଥାପନ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଥିବା ପାସେଜ ଲିଖନକୁ ଦେଖି ଅତିରିକ୍ତ ଜିଲାପାଳ ଖୁସି ବ୍ୟକ୍ତ କରିଥିଲେ। ପରେ ଛାତ୍ରୀମାନଙ୍କ କୋଠରୀକୁ ଯାଇ ସେମାନଙ୍କ ଅସୁବିଧା ପଚାରିବୁଝିବା ସହ ଭଲ ପାଠପଢି ଅନୁଷ୍ଠାନର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷା ସାକ୍ଷୀଗୋପାଳ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଅନୁଷ୍ଠାନର ସମ୍ପାଦକ ନବୀନ ଚନ୍ଦ୍ର ବଘାର ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶିକ୍ଷା ପରାମର୍ଶଦାତାଙ୍କ ବରଗଡ଼ ଗସ୍ତ

**ବରଗଡ଼ ଅଫିସ୍,୧୧।୩**

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶିକ୍ଷା ପରାମର୍ଶଦାତା ଉପେନ୍ଦ୍ର ତ୍ରିପାଠୀ ଦୁଇଦିନିଆ ବରଗଡ଼ ଗସ୍ତରେ ଆସି ଶୁକ୍ରବାର ଫେରି ଯାଇଛନ୍ତି। ସେ ଏହି ଗସ୍ତରେ ବରପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ ପରେ ପରିବର୍ତ୍ତିତ ଶିକ୍ଷାପ୍ରଣାଳୀକୁ ଅନୁଧ୍ୟାନ ସହିତ ଛାତ୍ର, ଶିକ୍ଷକ, ଅଭିଭାବକ ତଥା ପୁରାତନ ଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିଦର୍ଶନ କରି ଭିତ୍ତିଭୂମିକୁ କିଭଳି ସୁଦୃଢ଼ କରାଯାଇପାରିବ, ସେ ନେଇ ଆଲୋଚନା କରିଥିଲେ। ଏହା ସହିତ ଗୋବିନ୍ଦପୁର ହାଇସ୍କୁଲ, ଲେବିଡ଼ି ହାଇସ୍କୁଲ, ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟ, କମଗାଁ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ କରିଥିଲେ। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଜିଲା ବିଜ୍ଞାନ ପରିଦର୍ଶକ ଡଃ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ସେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ବରଗଡ଼ ଜିଲାପାଳ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶିକ୍ଷା ପରାମର୍ଶଦାତାଙ୍କୁ ସ୍ୱାଗତ କରୁଛନ୍ତି ।

## ଏପ୍ରିଲ ୩ରୁ ସୋନପୁର ପ୍ରିମିୟର ଲିଗ୍ କ୍ରିକେଟ୍

**ସୋନପୁର,୧୧।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଏପ୍ରିଲ ୩ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ସୋନପୁର ପ୍ରିମିୟର ଲିଗ୍(ଏସ୍‌ପିଏଲ) କ୍ରିକେଟ୍ ଗାନ୍ଧୀ ପଡିଆରେ ଅନୁଷ୍ଠିତ ହେବ। ଜିଲା କ୍ରିକେଟ୍ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପିଏଲ କମିଟିର ଅଧକ୍ଷ ବି ସତ୍ୟନାରାୟଣ ରାଓ ଏହି ସୂଚନା ଦେଇଛନ୍ତି। ଅପରାହ୍ନ ୨ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ମ୍ୟାଚ୍ ଅନୁଷ୍ଠିତ ହେବ। ୪ଟି ଟିମ୍ ଏହି ଟି/୨୦ କ୍ରିକେଟ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଖେଳାଳି ଚୟନ ପାଇଁ ଆବେଦନ ଫର୍ମ ବିକ୍ରି ଆରମ୍ଭ ହୋଇଥିବା ସୂଚନା ଦିଆଯାଇଛି। ଆଗ୍ରହୀ ଖେଳାଳିମାନେ ଏହାର ସୁଯୋଗ ନେବାକୁ ଏସ୍‌ପିଏଲ କମିଟି ପକ୍ଷରୁ ସଭାପତି ବି ସୁଦର୍ଶନ ପାତ୍ର, ଟୁର୍ନାମେଣ୍ଟ ଡାଇରେକ୍ଟର କମଳାକାନ୍ତ ସାହୁ ଜଣାଇଛନ୍ତି। ଏହି ସମ୍ମିଳନୀରେ ଜିଲା କ୍ରିକେଟ୍ ସଂଘର ସଭାପତି ରାମ ଶଙ୍କର ସାହୁ, ଆଶିଷ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର



ଜଣେ ଲୋକଙ୍କୁ ରେଡ଼ିଓ ଓ ବ୍ୟାଟେରି ପ୍ରଦାନ କରାଯାଉଛି।

**ଗୋଲାମୁଣ୍ଡା,୧୧।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ବାଗଦୋରୀ, ନୂଆଗାଁ, ସର୍ଗିଫୁଲଝୁବା ଓ ସାନଚେରଗାଁଠାରେ ଶୁକ୍ରବାର କେଗାଁସ୍ଥିତ ସିଆର୍‌ପିଏଫ୍-୬୪ ବାଟାଲିୟନ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଲୋକଙ୍କୁ ୧୫୪ଟି ରେଡିଓ ଓ ବ୍ୟାଟେରି ବଣ୍ଟନ କରାଯାଇଛି। ସିଆର୍‌ପିଏଫ୍-୬୪ ବାଟାଲିୟନ କ୍ଷେତ୍ର ଅଧିକାରୀ ବିପ୍ଳବ ସରକାର ଉପସ୍ଥିତ ରହି ଲୋକଙ୍କୁ ରେଡିଓ ଓ ବ୍ୟାଟେରି ବଣ୍ଟନ କରିଥିଲେ। ଗ୍ରାମାଞ୍ଚଳ ଓ ପାହାଡିଅଞ୍ଚଳର ଲୋକମାନେ ରେଡିଓ ଜରିଆରେ ଦେଶ ବିଦେଶର ଖବର ଜାଣିବା ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ମଜା ନେଇପାରିବେ। ସିଆର୍‌ପିଏଫ୍ ବାଟାଲିୟନ ଆସିଷ୍ଟାଣ୍ଟ କମାଣ୍ଡର ସ୍ମିତା ଆର.ଏସ.ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନୂଆଗାଁ ସରପଞ୍ଚ ଦୁଷ୍ମନ୍ତ କୁମାର ଭୋଇ ଓ କେଗାଁ ଥାନାଧିକାରୀ ମନୋରଞ୍ଜନ କୁମାର ଉପସ୍ଥିତ ଥିଲେ। ସିଆରପିଏଫ ଲୋକଙ୍କୁ ସୁରକ୍ଷା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଖେଳ ଓ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗର ହାତ ବଢାଇ ଆସୁଛି ବୋଲି ସିଆର୍‌ପିଏଫ୍ ବାଟାଲିୟନ କ୍ଷେତ୍ର ଅଧିକାରୀ ବିପ୍ଳବ ସରକାର କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକେ ଉତ୍ସାହର ସହିତ ଯୋଗଦାନ କରିବା ସହିତ ସିଆର୍‌ପିଏଫ୍ ଉକ୍ତ କାର୍ଯ୍ୟକ୍ରମକୁ ପ୍ରସଂଶା କରିଥିଲେ।

## କର୍ଲାମୁଣ୍ଡା ବ୍ଲକ: ୧୨ ରୁ ୧୧ ପଞ୍ଚାୟତରେ ନିର୍ଦ୍ୱନ୍ଦ୍ୱରେ ନାଏବ ସରପଞ୍ଚ ନିର୍ବାଚିତ



ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ରିଞ୍ଜା ନାଏବ ସରପଞ୍ଚ ପୂର୍ଣ୍ଣମୀ ମାଝି, ସରପଞ୍ଚ ପଞ୍ଚାନନ ବାଗ ଓ ୱାର୍ଡ ସଭ୍ୟାସଭ୍ୟମାନେ।

**କର୍ଲାମୁଣ୍ଡା,୧୧।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ୧୨ଟି ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚିତ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ବ୍ଲକର ୧୨ଟି ପଞ୍ଚାୟତରୁ ୧୧ଟି ପଞ୍ଚାୟତରେ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ରାଜପୁର ପଞ୍ଚାୟତରେ ୨ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ସନ୍ତୋଷିନୀ ରଣା ୬ ଓ ତାଙ୍କ ପ୍ରତିଦ୍ୱନ୍ଦୀ ଗୁରୁବାରୁ ସାହୁ ୫ ଖଣ୍ଡ ଭୋଟ ପାଇଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଥିଲା। ସନ୍ତୋଷିନୀଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ସେହିପରୀ ରିଷିଡା ପଞ୍ଚାୟତରୁ ନାଏବ ସରପଞ୍ଚ ଭାବେ ନରେଶ ଦାସ, କର୍ଲାମୁଣ୍ଡା ପଞ୍ଚାୟତରେ ରାଧେଶ୍ୟାମ ବାଗ, ତେରେସିଂହା ରେ ବନିତା ରଣା, ରିଞ୍ଜା ରେ ପୂର୍ଣ୍ଣମୀ ମାଝି, ଗଜବାହାଲରେ ଦେବକୀ ମହାନନ୍ଦ, ପୌରକେଲାରେ ରମାକାନ୍ତ ଭୋଇ, ସ.ମାଲପଡାରେ ରଶ୍ମିତା ସାହୁ, ଯୋରାଡବ୍ରାରେ ପ୍ରଭାଶିନୀ ସାହୁ, ସାପଲହରାରେ ଖୋଲଣା ସାହୁ, ରେଗଡାରେ ସନ୍ଧ୍ୟା ବାଗ, ବୋରପଦରରେ ମିଥିଲା ସାହୁ ନିର୍ଦ୍ୱନ୍ଦ୍ୱରେ ନାଏବ ସରପଞ୍ଚ ନିର୍ବାଚିତ ହୋଇଥିବା ବ୍ଲକ ସୂତ୍ରରୁ ପ୍ରକାଶ।

## ସ୍ତ୍ରୀ ସରପଞ୍ଚ, ସ୍ୱାମୀ ନାଏବ ସରପଞ୍ଚ

**ଝାରବନ୍ଧ,୧୧।୩(ଡି.ଏନ.ଏ)**

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ କୁମୀର ପଞ୍ଚାୟତରେ ସ୍ତ୍ରୀ ସରପଞ୍ଚ ଏବଂ ସ୍ୱାମୀ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ଉକ୍ତ ପଞ୍ଚାୟତରେ ଯମୁନା ସାହୁ ସରପଞ୍ଚ ନିର୍ବାଚିତ ହୋଇଥିବା ବେଳେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନରେ ତାଙ୍କ ସ୍ୱାମୀ ଭିକାରୀ ଚରଣ ସାହୁ ନିର୍ବାଚିତ ହୋଇଛନ୍ତି। ଏହି ଦମ୍ପତି ସରପଞ୍ଚ, ନାଏବ ସରପଞ୍ଚ ପଦବୀରେ ରହିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଭିକାରୀ ପୂର୍ବରୁ ଉକ୍ତ ପଞ୍ଚାୟତରେ ୩ଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ଗତ ପଞ୍ଚାୟତ ଭୋଟରେ ସରପଞ୍ଚ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ତାଙ୍କ ସ୍ତ୍ରୀ ନିର୍ବାଚନ ଲଢିଥିଲେ। ଅନ୍ୟପଟେ ଭିକାରୀ ୱାର୍ଡ଼ସଭ୍ୟ ପଦବୀରେ ଲଢ଼ି ଜିତିଥିଲେ।

## ବୀରମହାରାଜପୁର ବ୍ଲକ: ହୋଇ ପାରିଲାନି ଖଣ୍ଡହତା ପଞ୍ଚାୟତର ନାଏବ ସରପଞ୍ଚ ନିର୍ବାଚନ

**ଅମରପାଲି,୧୧।୩ (ଡି.ଏନ.ଏ.)**

ରାଜ୍ୟରେ ସମସ୍ତ ପଞ୍ଚାୟତର ନିର୍ବାଚିତ ସରପଞ୍ଚମାନେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ବୀରମହାରାଜପୁର ବ୍ଲକର ୧୫ ଗୋଟି ପଞ୍ଚାୟତରୁ କେବଳ ଖଣ୍ଡହତା ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ହୋଇନାହିଁ । ନିର୍ବାଚନ ପାଇଁ ଆବଶ୍ୟକ ସଂଖ୍ୟକ ୱାର୍ଡ ସଭ୍ୟାସଭ୍ୟ ଅନୁପସ୍ଥିତ ରହିବାରୁ ଖଣ୍ଡହତା ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ହୋଇ ନ ଥିବା ଜଣାଯାଇଛି। ୧୪ ପଞ୍ଚାୟତର ନାଏବ ସରପଞ୍ଚଙ୍କ ନାମ ଘୋଷଣା କରିଛନ୍ତି ବ୍ଲକ ନିର୍ବାଚନ ଅଧିକାରୀ।ଉଫୁଲା ପଞ୍ଚାୟତରୁ କମଳନୀ ମହାପାତ୍ର, ଚମ୍ପାମାଳରୁ ଚନ୍ଦ୍ରମା ପାଢୀ, ବାଗବରରୁ ପ୍ରଭାତି ମେହେର, ଜଟେସିଙ୍ଘାରୁ ପ୍ରମିଳା ଭୋଇ, ସୁବଳୟାରୁ ଜୟନ୍ତି ମେହେର, ପିତାମହୁଲରୁ ଉମାକାନ୍ତି ମହଲା, ମୃଷୁଣ୍ଡିରୁ ବାସନ୍ତି ପଧାନ, ଲୁଡୁରପଙ୍ଗରୁ ମମତା ପଧାନ, ବହଳପଦରରୁ ଅନନ୍ତ ପର୍ଡିଆ, ଦୁର୍ଜନଟୈଳାରୁ ସୁରେନ୍ଦ୍ର ପଧାନ, ହିଲୁଙ୍ଗରୁ ସଞ୍ଜିତ କର୍ଣ୍ଣ, କମିରାରୁ ଦୁଃଶାସନ ପଧାନ, କେନଝରିଆପାଲିରୁ ଜୟରାମ ବିଶି, ସଂଗ୍ରାମପୁରରୁ ପୀତବାସ ମହାକୁର ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି।

## ୫ ଦିନିଆ ଗାନ୍ଧୀନଗର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ନରସିଂହ ମିଶ୍ର ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୧୧।୩**

ବଲାଙ୍ଗୀର ସହର ଗାନ୍ଧୀନଗରପଡାସ୍ଥିତ ଗାନ୍ଧିଜୀ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ଠାରୁ ପାଞ୍ଚଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ କଂଗ୍ରେସ ପୌରାଧକ୍ଷା ପ୍ରାର୍ଥୀ ମିଳନୀ ସାହୁ ଏବଂ ଗାନ୍ଧୀନଗର କ୍ରିକେଟ୍ କମିଟି ଉପଦେଷ୍ଟା ଶିବ ପ୍ରସାଦ ଦତ୍ତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଟୁର୍ନାମେଣ୍ଟ ସ୍ଥଳକୁ ଆସି ଆୟୋଜକ ଏବଂ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ କମିଟି ସଭାପତି ଥବୀର ସେଲମା, ସମ୍ପାଦକ କୁଳଦୀପ ବେହେରା, କୋଷାଧକ୍ଷ ସୂର୍ଯ୍ୟକାନ୍ତ ମେହେର, ସଦସ୍ୟ ରାଜୀବ ବାଗ, ଗାନ୍ଧୀ ସାହୁ, ପ୍ରଶାନ୍ତ ସେଠ, ସଞ୍ଜୀବ ସାହୁ, ସୁଶାନ୍ତ ପ୍ରଧାନ, ବୁଲୁ ବଘାର, ଅମିତ ଖଟୁଆ, ଅବିନାଶ ବେହେରା, ଅଭିଜିତ ସିଂଦେଓ, ଏ. ସିଂଦେଓ, ସିଦ୍ଧାନ୍ତ ସେଠ, ସୁଧୀର ମହାରଣା ଓ ସମୀର ମହାନନ୍ଦ ଉପସ୍ଥିତ ରହି ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ ଆଦର୍ଶପଡା ଏବଂ ଟିକ୍ରାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦର୍ଶପଡା ବିଜୟୀ ହୋଇଥିଲେ।

## ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରସ୍ତୁତି କର୍ମଶାଳା

**ବରଗଡ଼ ଅଫିସ୍,୧୧।୩**

ବିଦ୍ୟାଳୟ ଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ତଥା ତୃଣମୂଳସ୍ତରରେ ନୂତନ ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ତିଆରି କରିବା ପାଇଁ ଗୁରୁବାର ସହର ଉପକଣ୍ଠ ଟୁକୁର୍ଲା ସ୍ଥିତ ବରଗଡ଼ ବିଜ୍ଞାନ କେନ୍ଦ୍ରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବୈଜ୍ଞାନିକ ଡଃ ବିବେକ କୁମାର ଯୋଗଦେଇ କିଭଳି ନୂତନ ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରସ୍ତୁତ କରାଯାଇପାରିବ, ସେ ନେଇ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ବୈଜ୍ଞାନିକ ହରଦେବ ଚୌଧୁରୀ କୃଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ତଥା କୃଷି, କୃଷକଙ୍କ ନିମନ୍ତେ ରହିଥିବା ଯୋଜନା ଉପରେ ଆଲୋକପାତ କରିଥିଲେ। ସେହିପରି ଇନ୍ସପାୟାର ଆୱାର୍ଡ ମନକ୍ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଡଃ ମନୋଜ କୁମାର ସାହୁ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଜ୍ଞାନ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଗୋପୀନାଥ ପ୍ରଧାନ ଏବଂ ମୋ ସ୍କୁଲ ଭାରପ୍ରାପ୍ତ ଅଧିକାରୀ ଭାର୍ଗବ ଚନ୍ଦ୍ର ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




କର୍ମଶାଳାରେ ଆଲୋଚକମାନେ ବକ୍ତବ୍ୟ ରଖୁଛନ୍ତି।

**ମନେ ପଡ଼ନ୍ତି**

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ମନୋରମା ନାୟକ**
(ଶିକ୍ଷୟିତ୍ରୀ)
ରେମୁଁଆ, ତାଳଚେର

ଆବିର୍ଭାବ: ୧୧।୧।୧୯୬୬
ତିରୋଧାନ: ୨୭।୦୨।୨୦୧୫
(ଫାଲ୍‌ଗୁନ ମାସ ଶୁକ୍ଳ ନବମୀ

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ସ୍ୱାମୀ: ମୋହନ, ପୁତ୍ର: ମନୋରଞ୍ଜନ, ଝିଅ: ମୋନାଲିସା, ଶୋକସନ୍ତପ୍ତ ପରିବାରବର୍ଗ।

ଧ-୨୩୩୭୬